## ସଂକ୍ଷେପରେ

### ହିମାଚଳ ପ୍ରଦେଶରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



**ଖଇରା, ୩୦।୧୧(ଡି.ଏନ.ଏ.):** ଖଇରା ଥାନା ଅଧୀନ ନହଙ୍ଗ ଗ୍ରାମର ବନମାଳୀ ଦାସ(୪୨) ହିମାଚଳ ପ୍ରଦେଶର ଥାନା ଅଞ୍ଚଳରେ ଗୁରୁବାର ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବନମାଳୀ ସୋଲାନ ଜିଲାର ବଡି ତହସିଲ ଅଧୀନ ଥାନା ଅଞ୍ଚଳରେ ଥିବା ଆଲକେମ ଔଷଧ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗୁରୁବାର ପୂର୍ବାହ୍ନରେ ସେ ଅଫିସ ଯାଉଥିବା ବେଳେ ଏକ ପିକଅପ୍ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ତାଙ୍କର ମୃତ୍ୟୁ ଖବର ପହଞ୍ଚିବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି। ରବିବାର ସୁଦ୍ଧା ମୃତଦେହ ଗ୍ରାମରେ ପହଞ୍ଚିବାର କାର୍ଯ୍ୟକ୍ରମ ଅଛି। ଭୀମ ଦାସଙ୍କ ପୁଅ ବନମାଳୀ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଚୋରି ଘଟଣାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

**ବାଲିଆପାଳ, ୩୦।୧୧(ଡି.ଏନ.ଏ.):** ବାଲିଆପାଳ ଥାନା ପାଳଜାମକୁଣ୍ଡା ଗ୍ରାମରେ ଏକ ଚୋରି ଘଟଣାରେ ପଚରାଉଚୁରାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କୁ ଗିରଫ କରିବା ସହ ରକ୍ତଲଗା ଦାଉଲି ଜବତ କରିଛି। ପାଳଜାମକୁଣ୍ଡା ଗ୍ରାମର ଅନନ୍ତ ପାତ୍ରଙ୍କ ନଡିଆ ଗଛରୁ ତାଙ୍କର ପଡୋଶୀ ରାମକୃଷ୍ଣ ପାତ୍ର ନଡିଆ ବିଛେଇ ନେଇଥିଲେ। ଅନନ୍ତ ଏହା ଜାଣିବା ପରେ ତାଙ୍କର ଝିଅ କବିତା ଏବଂ ଜ୍ୱାଇଁଙ୍କୁ ଏକଥା କହିଥିଲେ। ପ୍ରଥମାଷ୍ଟମୀ ଅବସରରେ କବିତା ଏବଂ ରଞ୍ଜନ ପାଳଜାମକୁଣ୍ଡାରେ ପହଞ୍ଚି ରାମକୃଷ୍ଣଙ୍କୁ ଗଛରୁ କାହିଁକି ନଡିଆ ଚୋରି କରିନେଲ ବୋଲି ପଚାରିଥିଲେ। ଏଥିରେ ରାମକୃଷ୍ଣ ଉତ୍ତେଜିତ ହୋଇ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରିବାକୁ ଧମକ ଦେଇଥିଲେ। ଏହି ସମୟରେ ଗ୍ରାମର ବିଜୟ କୁମାର ଜେନା ନାମକ ଅନ୍ୟ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ରାମକୃଷ୍ଣଙ୍କୁ ଗାଳିଗୁଲଜ ବନ୍ଦ କରିବାକୁ କହିଥିଲେ। ଏଥିରେ ରାମକୃଷ୍ଣ ରାଗିଯାଇ ତାଙ୍କୁ ଧମକ ଦେବାରୁ ସେ ନିଜ ଘରକୁ ଚାଲିଯାଉଥିଲେ। ଏହି ସମୟରେ ରାମକୃଷ୍ଣ ପଛପଟରୁ ଏକ ଦାଉଲିରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଜୟ ତଳେ ପଡିଥିଲା ବେଳେ ପଡୋଶୀମାନେ ଆସିଯିବାରୁ ରାମକୃଷ୍ଣ ଦାଉଲି ଧରି ସେମାନଙ୍କୁ ଭୟଭୀତ କରାଇଥିଲେ। ଖବର ପାଇ ବାଲିଆପାଳ ଥାନା ପୋଲିସ ପହଞ୍ଚି ଅଭିଯୁକ୍ତ ରାମକୃଷ୍ଣଙ୍କୁ ଗିରଫ କରିବା ସହ ରକ୍ତଭିଜା ଦାଉଲି ଜବତ କରିଛି। ବିଜୟ ଜେନାଙ୍କ ଅଭିଯୋଗ ଅନୁଯାୟୀ ବାଲିଆପାଳ ଥାନାରେ ଏକ ମାମଲା (ନଂ.୩୧୭/୧୮) ରୁଜୁ ହୋଇଛି। ବିଜୟ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ବାଲେଶ୍ୱର ଅଫିସ, ୩୦।୧୧:** ବାଲେଶ୍ୱର ସଦର ଥାନା ଇସାଣି ଛକରେ ଶୁକ୍ରବାର ପୂର୍ବାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ୩ଜଣ ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବାଲେଶ୍ୱର ସହରରୁ ପ୍ରଥମାଷ୍ଟମୀ ପାଇଁ ଜିନିଷ କିଣି ସାରଗାଁ ପଞ୍ଚାୟତର ହର୍ଷପୁରା ଗ୍ରାମର ଶିବା ମାରାଣ୍ଡି(୫୫), ଦିପୁ ବେସ୍ରା(୪୫) ଏବଂ ବାପୁନ୍ ମାରାଣ୍ଡି(୨୬) ଗୋଟିଏ ବାଇକ୍‌ରେ ଫେରୁଥିବା ବେଳେ ଅପରପକ୍ଷରୁ ଖନ୍ତାପଡା ଥାନା ଇଞ୍ଚୁଡି ଗ୍ରାମର ରାଜେନ୍ଦ୍ର ବେହେରା(୨୪) ବାଇକ୍‌ରେ ଆସୁଥିଲେ। କୌଣସି କାରଣରୁ ଉଭୟ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ ରାଜେନ୍ଦ୍ରଙ୍କର ମୃତ ହୋଇଛି। ଅନ୍ୟ ୩ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଧାନ କିଣା ବିଳମ୍ବ, ଚିନ୍ତାରେ ଚାଷୀ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୩୦।୧୧

ନଭେମ୍ବର ମାସ ସରିବାକୁ ବସିଲାଣି। ରୋଗପୋକ ଦାଉରୁ ରକ୍ଷା ପାଇବା ପାଇଁ ଚାଷୀ ଅମଳ ପାଇଁ ତତ୍ପର ହୋଇପଡିଛି। ୮୦ଭାଗ ଚାଷୀ ମେଶିନ ସାହାଯ୍ୟରେ ଧାନ କାଟିବାରେ ଲାଗିପଡିଛନ୍ତି। ଡିସେମ୍ବର ୫ ତାରିଖରୁ ଧାନ କିଣିବା ଲାଗି ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କେବଳ ଧର୍ମକୁ ଆଖିଠାର ସଦୃଶ। ଏ ପର୍ଯ୍ୟନ୍ତ ମିଲର୍ ଠିକ୍ ନ ହେବା କିମ୍ବା ସମବାୟ ସମିତିଗୁଡିକୁ ଚିଠି ଆସୁ ନ ଥିବାରୁ ଘରେ ଧାନ ରଖି କ୍ଷତି ସହିବାକୁ ଚାହୁଁନାହାନ୍ତି ଚାଷୀ। ମେଶିନରେ ଧାନ କାଟି ସାରିବା ବେଳକୁ ଦଲାଲମାନେ ଟ୍ରକ, ଟ୍ରାକ୍ଟର ଧରି ହିଡପାଖ ରାସ୍ତାରେ ଛିଡା ହୋଇଯାଉଛନ୍ତି। କୁଇଣ୍ଟାଲ ପିଛା ୯ଶହରୁ ୧ହଜାର ଟଙ୍କା ଦେଇ ଧାନ କିଣି ପଶ୍ଚିମବଙ୍ଗ ଚାଲାଣ କରିବାରେ ଦିନରାତି ସମାନ କରିଦେଇଛନ୍ତି। ଏଭଳି ଅବ୍ୟବସ୍ଥାକୁ ଦେଖି ଚାଷୀମାନେ ସରକାରୀ ସ୍ତରରେ ଧାନ ବିକ୍ରି ପାଇଁ ଆଉ ପ୍ରଶାସନ ଉପରେ ଭରସା କରିପାରୁନାହାନ୍ତି। ଏପରି ପରିସ୍ଥିତି ଲାଗି ରହିଲେ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲିବା ବେଳକୁ ଆଉ ଚାଷୀଙ୍କ ପାଖରେ ଧାନ ନ ଥିବ। ଯେଉଁମାନେ ଧାନ ବିକିବାକୁ ଅପେକ୍ଷା କରି ରହିଛନ୍ତି,

## ବେପାରୀ, ଦଲାଲ ସକ୍ରିୟ



ଚାଷଜମି ସଂଲଗ୍ନ ରାସ୍ତାରେ ଧାନ ଅମଳ ପରେ ଚାଲାଣ ପାଇଁ ବୋଝେଇ କରାଯାଉଛି।

ଗୋରୁଛେଳିଙ୍କ ମୁହଁରୁ ରକ୍ଷା କରିବାକୁ ସେମାନେ କସରତ କରୁଛନ୍ତି। ଖୁବ୍‌ଶୀଘ୍ର ସରକାରୀ ବିକ୍ରୟ କେନ୍ଦ୍ର ଖୋଲିବା ପାଇଁ ଦୃଷ୍ଟି ଦିଆ ନ ଗଲେ ଏହା ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଆଗାମୀ ନିର୍ବାଚନରେ ଏହାର ଜବାବ ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଖଇରା ବ୍ଲକରେ ଚଳିତବର୍ଷ ଆନୁମାନିକ ୧୯ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଛି। ରୋଗପୋକ ଦାଉରୁ ରକ୍ଷା ପାଇବାକୁ ଏଥର ଚାଷୀମାନେ ସଅଳ ଧାନ କାଟିବା ଆରମ୍ଭ କରିଛନ୍ତି। ପୂର୍ବରୁ ଚାଷୀମାନେ ମଜୁରି ଦେଇ ଧାନକାଟି ଖଳାକୁ ଆଣି ଅମଳ କରୁଥିଲେ। ଏହା ସମୟ ସାପେକ୍ଷ ଥିଲା। ଧାନ ଅମଳ ହୋଇସାରିବା ବେଳକୁ ଧାନମଣ୍ଡି ଖୋଲାଯାଉଥିଲା। ଯେଉଁଥିପାଇଁ କେତେକ ଚାଷୀ ସରକାରୀ ଧାର୍ଯ୍ୟ ଦରରେ ଧାନ ବିକି ପାରୁଥିଲେ। ଏଥର ଅଧିକାଂଶ ଚାଷୀ ମେଶିନରେ ଧାନ କାଟୁଥିବାରୁ ଶୀଘ୍ର ଅମଳ ହେଉଛି। ସଂରକ୍ଷଣ ବ୍ୟୟସାପେକ୍ଷ ଥିବାରୁ ବାଧ ହୋଇ ଚାତକ ଭଳି ଅନାଇ ବସିଥିବା ଦଲାଲଙ୍କ ହାତରେ ଅତି ବେଶିରେ ୧ ହଜାର ଟଙ୍କାରେ ଧାନ ବିକିବାକୁ ବାଧ ହେଉଛନ୍ତି। ସରକାରୀ ଧାର୍ଯ୍ୟ ଦର ୧୭୫୦ ଏକ ପ୍ରହସନ ବୋଲି ଗରସଙ୍ଗ ଗ୍ରାମର ଚାଷୀ ନକୁଳ ସାହୁ କହିଛନ୍ତି। ପ୍ରଶାସନ ଚାଷୀଙ୍କ ଅବସ୍ଥା ଦେଖି ବ୍ୟବସ୍ଥା କରିଥିଲେ ସାଧାରଣ ଓ ନାମମାତ୍ର ଚାଷୀଙ୍କୁ ଏଭଳି କଷଣ ସହିବାକୁ ପଡୁ ନ ଥାନ୍ତା ବୋଲି ଚାଷୀ କ୍ଷେତ୍ରମୋହନ ଖଟୁଆ କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରବି ନାରାୟଣ ପୃଷ୍ଟିଙ୍କୁ ପଚାରିବାରେ ଡିସେମ୍ବର ୫ ତାରିଖରେ ଧାନ କିଣିବାକୁ ଜିଲା ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ଲକସ୍ତରର ଟାର୍ଗେଟ ସମିତି ଓ ସମବାୟ ବ୍ୟାଙ୍କକୁ ପଠାଇ ଦିଆଯାଇଛି। ତେବେ ଏହାକୁ ଖଇରା ସମବାୟ ବ୍ୟାଙ୍କର ପରିଚାଳକ ଓ ବିଭିନ୍ନ ସମିତିର ସଭାପତିମାନେ ଖଣ୍ଡନ କରିଛନ୍ତି। ଖଇରା ସମବାୟ ବ୍ୟାଙ୍କର ପରିଚାଳକ ଅଭିରାମ ମହାନ୍ତିଙ୍କୁ ପଚାରିବାରେ ଏ ପର୍ଯ୍ୟନ୍ତ ଧାନ କିଣିବା ସଂକ୍ରାନ୍ତରେ କୌଣସି ଚିଠି ତାଙ୍କ କାର୍ଯ୍ୟାଳୟକୁ ଆସିନାହିଁ। ମିଲର ଠିକ୍ ନ ହେବା ପର୍ଯ୍ୟନ୍ତ ଧାନ କିଣାଯିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଗଡପୋଖରୀ ପରିଚାଳନା କମିଟି ସଭାପତି ଆନନ୍ଦ ବଲ୍ଲଭ ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରେ ସରକାର ଜାଣିଶୁଣି ମିଲର ଓ ଦଲାଲଙ୍କୁ ଫାଇଦା ଦେବାକୁ ଏଭଳି ବିଳମ୍ବ କରୁଛନ୍ତି। କେବଳ ଖାତାପତ୍ରରେ ଟାର୍ଗେଟ ପୂରଣ କରି ବାହାବା ନେବା ପାଇଁ ଏସବୁ ଫନ୍ଦି ବୋଲି ସେ କହିଛନ୍ତି।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



→ ଅବିନାଶ



→ ପପୁ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ନିର୍ମାଣ କାମରେ ଶ୍ରମିକଙ୍କ ଅର୍ଥ ହଡ଼ପ

ସିମୁଳିଆ, ୩୦।୧୧(ଡି.ଏନ.ଏ.)

- ଅନିୟମିତତା: ପ୍ରତିକାର ନାହିଁ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା
- ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ତଲବ

ଏନ୍‌ଆରଇଜିଏସ୍ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଏବଂ ଶ୍ରମିକଙ୍କ ନାମରେ ଅର୍ଥ ହଡପ ଅଭିଯୋଗ ସତ୍ତ୍ୱେ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରଶାସନର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ କହ୍ନେଇବିନ୍ଧା ପଞ୍ଚାୟତରେ ଏନ୍‌ଆରଇଜିଏସ୍ ହେରଫେର ମାମଲା ଏବେ ଚର୍ଚ୍ଚାକୁ ଆସିଛି। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ନ୍ୟାୟ ନ ପାଇବାରୁ ଗୁରୁବାର ସ୍ଥାନୀୟ ବିଡିଓ ଡ. ନରହରି ବେହେରାଙ୍କୁ ଭେଟିଥିଲେ। ବ୍ଲକ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ଜିଆରଏସ୍‌ଙ୍କୁ ବିଡିଓ ପତ୍ରସଂଖ୍ୟା ୩୨୮୧ରେ କୈଫିୟତ ମାଗିଥିବା ଜଣାପଡିଛି।

ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୭ରେ କହ୍ନେଇବିନ୍ଧା ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁରରେ ଏନ୍‌ଆରଇଜିଏସ୍‌ରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ୭ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଜଣେ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହି କାମ କରିବାକୁ ଠିକା ନେଇଥିବା କୁହାଯାଉଛି। ଉକ୍ତ ଯୋଜନାରେ କାମ କରୁଥିବା ଶ୍ରମିକଙ୍କ ମଜୁରୀ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଦିଆଯିବାର ନିୟମ ରହିଥିଲା। ବ୍ଲକ ପ୍ରଶାସନର ଜଣେ ଅଧିକାରୀ ଶ୍ରମିକଙ୍କ ପରିବର୍ତ୍ତେ ନିଜ ସମ୍ପର୍କୀୟ ଓ ଏପରିକି ନିଜ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମଜୁରୀ ବାବଦକୁ ପ୍ରାୟ ୧ଲକ୍ଷ ଟଙ୍କା ହଡପ କରିଥିବା ନେଇ ସୁରେନ୍ଦ୍ର ବେହେରା, ରୁକ୍ମଣୀ ପଲାଇ, ନିରାକାର ପଣ୍ଡା, ସାବିତ୍ରୀ ସେଠୀ ପ୍ରମୁଖ ଶ୍ରମିକ ଅଭିଯୋଗ କରିଛନ୍ତି। ଏମାନଙ୍କ ମଧ୍ୟରୁ ରୁକ୍ମଣୀ ପଲାଇଙ୍କ ନାମ ପରିବର୍ତ୍ତେ ଅନ୍ୟ ଆକାଉଣ୍ଟ ନମ୍ବର ଦେଇ ବରି ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଯାଇଥିବା ସେମାନେ ଦର୍ଶାଇଛନ୍ତି। କେବଳ ଏହି କାମ ନୁହେଁ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣରେ ହିତାଧିକାରୀଙ୍କୁ ମଧ୍ୟ ହଇରାଣ କରାଯାଉଛି। ତୀରଖୁଆ ଅଞ୍ଚଳର କୈଳାସ ମହାରଣା ଇନ୍ଦିରା ଆବାସ କାର୍ଯ୍ୟାଦେଶ ପାଇ ଗ୍ରେଡବିମ୍ ପକାଇ ସାରିଥିଲେ ମଧ୍ୟ ପ୍ରଶାସନ ଆବଶ୍ୟକ ସହଯୋଗ କରୁ ନ ଥିବାରୁ ସେ ପରବର୍ତ୍ତୀ ଅନୁଦାନ ନ ପାଇ ଘର କାମ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ପତ୍ର ସଂଖ୍ୟା ୬୫୦ ଅନୁଯାୟୀ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବାକୁ ଯାଇ କାହାକୁ ନ ପାଇ ନିରାଶ ହୋଇ ଫେରିଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ବେହେରାଙ୍କୁ ପଚାରିବାରୁ କହିଛନ୍ତି, ବର୍ତ୍ତମାନ ଜିଆରଏସ୍‌ମାନେ ଆନ୍ଦୋଳନ ଚଳାଇଛନ୍ତି। ତେବେ କହ୍ନେଇବିନ୍ଧା ପଞ୍ଚାୟତ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ ପଚାରିବାରୁ ସେ ପ୍ରଶାସନ ନିକଟରେ କୌଣସି ପତ୍ର ପାଇ ନ ଥିବା କହି ଅଭିଯୋଗକାରୀ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ପ୍ରଶାସନ ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ରାସ୍ତାକଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଜଳେଶ୍ୱର, ୩୦।୧୧(ଡି.ଏନ.ଏ.):** ଜଳେଶ୍ୱର ସହର ବ୍ଲକ ବଜାର ମୁଖ୍ୟ ରାସ୍ତାକଡ଼ରୁ ଶୁକ୍ରବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ନଳଗଜା ପୋଷ୍ଟ ମହୁଲିଆ ଗ୍ରାମର କବିତା ପାତ୍ର। ଏକ ଅପମୃତ୍ୟୁ ମାମଲା(ନଂ.୩୬/୧୮) ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ମହିଳା ଆଜକୁ କିଛି ସପ୍ତାହ ହେଲା ଏହି ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ। ତେବେ ମୃତ୍ୟୁର କାରଣ ଜଣାପଡିନାହିଁ।

# ସରିଲା ଫୁଟ୍‌ବଲ, ସଫ୍ଟବଲ ପ୍ରତିଯୋଗିତା

ବାଲେଶ୍ୱର ଅଫିସ, ୩୦।୧୧




ଉଦ୍‌ଯାପନୀ ଅବସରରେ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

ରାଜ୍ୟ ବିଦ୍ୟାଳୟ କ୍ରୀଡା ସଙ୍ଗଠନ ଓ ଜିଲା ବିଦ୍ୟାଳୟ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ, ବାଳିକା ଓ ବାଳକ ବର୍ଗର ସଫ୍ଟବଲ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ବାଲେଶ୍ୱର ଜିଲା ସ୍କୁଲ, ମଡର୍ନ ପବ୍ଲିକ ଏବଂ ଖ୍ରୀଷ୍ଟିଆନ ସ୍କୁଲ ପଡିଆରେ ଏହି ଖେଳ ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ଖ୍ରୀଷ୍ଟିୟାନ ସ୍କୁଲ ପଡିଆରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇ କୃତୀ ଦଳକୁ ପୁରସ୍କୃତ କରାଯାଇଛି। ଜିଲାପାଳ ରମେଶ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ମ୍ୟାଚରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିବା ବେଳେ ବରଗଡ ରନର୍ସଅପ୍ ଏବଂ ୧୭ ବର୍ଷରୁ କମ୍ ବାଳକ ସଫ୍ଟବଲରେ ଭୁବନେଶ୍ୱର ଚାମ୍ପିୟନ୍ ଓ ପୁରୀ ରନର୍ସଅପ୍ ହୋଇଛନ୍ତି। ସେହିପରି ୧୭ ବର୍ଷ କମ୍ ବାଳିକା ସଫ୍ଟବଲ ମ୍ୟାଚରେ କଟକକୁ ହରାଇ ବାଲେଶ୍ୱର ଚାମ୍ପିୟନ୍ ହୋଇଛି। ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ ନାୟକ ପ୍ରାରମ୍ଭିକ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଅମୂଲ୍ୟ ରାଉତ, ଚିତ୍ତରଞ୍ଜନ ପଶା ଓ ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ୧୧ରେ 'ଜିଲା ଭଲିବଲ'

ବାଲେଶ୍ୱର ଅଫିସ, ୩୦।୧୧

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ୧୧ ତାରିଖରେ ବାଲେଶ୍ୱର ପରମିଟ୍ ପଡ଼ିଆ ଠାରେ ବାଲେଶ୍ୱର ଜିଲା ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଜିଲାର ଆଗ୍ରହୀ ଭଲିବଲ ଦଳ ସେମାନଙ୍କର ଏଣ୍ଟ୍ରି ନିର୍ଦ୍ଦିଷ୍ଟ ଫର୍ମରେ ୫ ତାରିଖ ସୁଦ୍ଧା ଜିଲା କ୍ରୀଡାସଂଘ ଅଫିସରେ ଦାଖଲ କରିବାକୁ କ୍ରୀଡାସଂଘ ସାଧାରଣ ସମ୍ପାଦକ ଅଧିପ ଦାସ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜଣିବା ପାଇଁ ଆସୋସିଏଶନର ଯୁଗ୍ମ ସମ୍ପାଦକ (ଭଲିବଲ) ଜଗଦୀଶ ବେହେରାଙ୍କ ମୋବାଇଲ ନଂ.- ୭୫୦୪୫୪୨୯୯୨ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଉତ୍ସବରେ ୨୦୦ କିନ୍ନର ସାମିଲ

ବାଲେଶ୍ୱର ଅଫିସ, ୩୦।୧୧

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଫିରିଙ୍ଗିପାଟଣା ଲୋକନାଥ କିନ୍ନର ସଂଘ ଅଫିସରେ ଶୁକ୍ରବାର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି। କିନ୍ନରମାନଙ୍କର କୁଳଦେବତା ବଛେରା ମାତାଙ୍କର ପୂଜାର୍ଚ୍ଚନା ଧୂମ୍‌ଧାମରେ ପାଳନ ହେବ। ନାଚଗୀତ, ଭୋଜିଭାତ ଆୟୋଜନ କରାଯାଇଥିଲା। ସଂଘର ମୁଖ୍ୟ ପ୍ରିୟା କିନ୍ନର ଜନ୍ମଦିନ ଆଜି ହୋଇଥିବାରୁ ସମସ୍ତ ସଦସ୍ୟାମାନେ କେକ୍ କାଟି ଉତ୍ସବକୁ ଦ୍ୱିଗୁଣିତ କରିଥିଲେ। ବାଲେଶ୍ୱର, ଭଦ୍ରକ, ଖଡଗପୁର ଅଞ୍ଚଳରୁ ୨୦୦ଊର୍ଦ୍ଧ୍ୱ କିନ୍ନର ଯୋଗ ଦେଇଥିଲେ। ସନ୍ଧ୍ୟାରେ ସହର ପରିକ୍ରମା ସହିତ ବଛେରା ମାତାଙ୍କର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଧୁନିକ ଆଲୋକ ସହିତ ବାଦ୍ୟଯନ୍ତ୍ର ତାଳେ ତାଳେ ଶତାଧିକ କିନ୍ନର ଭଷାଣି ଯାତ୍ରାରେ ଭାଗ ନେଇ କୁଳ ଦେବତାଙ୍କୁ ବିଦାୟ ଦେଇଥିଲେ। ନନ୍ଦିନୀ, ଅଙ୍କିତା, ଏସ୍ମା, ତୁଳସିପରି, ମାଇପଲ୍ଲି ପ୍ରମୁଖ ଉତ୍ସବର ଦାୟିତ୍ୱ ନେଇଥିଲେ।



ବାର୍ଷିକ ଉତ୍ସବ ଅବସରରେ କେକ୍ କାଟି କିନ୍ନରମାନେ ଖୁସି ମନାଉଛନ୍ତି।

# କାମରେ ଆସୁନି ସୌରଶକ୍ତି ଚାଳିତ ନଳକୂଅ

ସଜନାଗଡ଼, ୩୦।୧୧(ଡି.ଏନ.ଏ.)



**ସମନ୍ୱୟ ଅଭାବ**
- ବର୍ଷେ ହେଲା ଅଚଳ ହୋଇପଡ଼ିଛି
- ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର ଜିଲାର ନୀଳଗିରି ହେଉଛି ଏକମାତ୍ର ଆଦିବାସୀ ଅଧ୍ୟୁଷିତ ପାହାଡ଼ିଆ ଅଞ୍ଚଳ। ଏଠାରେ ପାଣିର ସ୍ତର ବହୁ ନିମ୍ନରେ ରହିଛି। ୨ବର୍ଷ ପୂର୍ବରୁ ଜଳକଷ୍ଟକୁ ଦୂର କରିବା ପାଇଁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ସୌରଶକ୍ତି ଚାଳିତ ନଳକୂପ ଖନନ କରାଯାଇଥିଲା। ଏହି ପ୍ରକଳ୍ପ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଲୋକେ ଠିକ୍ ଭାବେ ପାନୀୟ ଜଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ସୌରଶକ୍ତି ଚାଳିତ ନଳକୂପ ଯୋଜନା ଦିଗହରା ହୋଇପଡ଼ିଛି।

ଭୂତଳ ଜଳସ୍ତର ହ୍ରାସ କାରଣରୁ ଜଙ୍ଗଲ ତଳି ଏବଂ ପାହାଡ଼ିଆ ଇଲାକାରେ ପାନୀୟ ଜଳକଷ୍ଟ ଦେଖାଯାଇଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳ ଲୋକଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଏମ୍‌ପି ଇଂ. ରବୀନ୍ଦ୍ର ଜେନାଙ୍କ ପ୍ରଚେଷ୍ଟାରେ ସୌରଶକ୍ତି ଚାଳିତ ନଳକୂପ ନିର୍ମାଣ ହୋଇଥିଲା। ସଜନାଗଡ଼ ପଞ୍ଚାୟତରେ ଓଡ଼ିଶା ବିଭାଗ ପକ୍ଷରୁ କେତେକ ଠିକାଦାର ଟେଣ୍ଡର ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାକୁ ନୀଳଗିରି ଗ୍ରାମ୍ୟ ଜଳ ପରିମଳ ବିଭାଗ ତଦାରଖ କରୁଥିଲେ। ସରକାରୀ ପାଣ୍ଠିରୁ 'ସୋଲାର ନଳକୂପ' ଲାଗି ଲକ୍ଷାଧିକ ଟଙ୍କା ଯୋଗାଇ ଦିଆଯାଇଥିଲା। ଏହାର ମରାମତି ଦାୟିତ୍ୱ ୫ ବର୍ଷ ପାଇଁ ସମ୍ପୃକ୍ତ କମ୍ପାନୀର ଠିକାଦାର ତୁଲାଇବାର ବ୍ୟବସ୍ଥା ଥିଲା। ପ୍ରକଳ୍ପ ସରିବା ପରେ ଏସବୁର ମରାମତିରେ ଅବହେଳା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସଜନାଗଡ଼ ପଞ୍ଚାୟତର ନୂଆସାହି ଗ୍ରାମରେ ଆଜକୁ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଗଭୀର ନଳକୂପରେ ସୌରଶକ୍ତି ଦ୍ୱାରା ଚଳାଇବାର ବ୍ୟବସ୍ଥା ହୋଇଥିଲା। ମାତ୍ର ଏହା ବର୍ଷେ ପର୍ଯ୍ୟନ୍ତ ଠିକ୍ ଭାବେ ଚାଲୁ ରହିଥିଲା। ପରେ ଅଚଳାବସ୍ଥା ସୃଷ୍ଟି ହେବା ଯୋଗୁ ଜନସାଧାରଣଙ୍କ ପାଇଁ ପାନୀୟଜଳ ସଙ୍କଟ ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରେ ଏହାକୁ ମରାମତି କରାଯାଇଥିଲା। ପୁଣି ଆଜକୁ ବର୍ଷେ ଧରି ଏହି ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସମ୍ପୃକ୍ତ ଠିକାଦାର କିମ୍ବା ଗ୍ରାମ୍ୟ ଜଳ ପରିମଳ ବିଭାଗ ଯନ୍ତ୍ରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଦୁଇ ୱାର୍ଡ଼ ବିଶିଷ୍ଟ ଏହି ଗ୍ରାମରେ ୨ଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ଅଚଳ ଥିବାରୁ ମହିଳାମାନେ ବହୁ ଦୂରକୁ ଯାଇ ପାନୀୟଜଳ ସଂଗ୍ରହ କରୁଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗ ଓ ସମ୍ପୃକ୍ତ ଠିକା ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଦୀର୍ଘଦିନ ଧରି ଅଚଳ ପ୍ରକଳ୍ପକୁ ସଚଳ କରାଯାଉ ନ ଥିବା ଗ୍ରାମବାସୀ ରବୀନ୍ଦ୍ର ଖାଲପାଳିଆ, ଘନ ପଢ଼ିଆଳ, ଆର୍ତ୍ତ ମଢ଼େଇ, ଯତିନ୍ଦ୍ର ପାତ୍ର, ଶରତ ମଢ଼େଇ, ନରହରି ଖାଲପାଳିଆ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟଜଳ ପରିମଳ ବିଭାଗ ଯନ୍ତ୍ରୀ ରାଧାଶ୍ୟାମ ନାୟକ କହିଛନ୍ତି ଯେ, ଉକ୍ତ ପ୍ରକଳ୍ପ ସଚଳ କରିବା ପାଇଁ ଠିକାଦାରଙ୍କୁ ଅବଗତ କରାଯାଇଛି। ସୋଲାର ସିଷ୍ଟମକୁ ବାଦ୍ ଦେଇ ନଳକୂପ କାର୍ଯ୍ୟକାରୀ କରିବା ଦିଗରେ ବିଭାଗୀୟ ପଦକ୍ଷେପ ନିଆଯାଉଛି।

## ସଂକ୍ଷେପରେ

### ଗଡିଲା ସଚେତନତା ରଥ



ବଡସାହି,୩୦।୧୧(ସ୍ୱ.ପ୍ର.): ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ଅବସରରେ ସଚେତନତା ରଥ ଉଦ୍‌ଘାଟିତ ହୋଇ ବ୍ଲକର ବିଭିନ୍ନ ଗାଁ ପରିକ୍ରମା କରିଥିଲା। ଜନସଂଖ୍ୟା ସ୍ଥିରତା ପାଇଁ ସଚେତନତା ରଥକୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା ନାରାୟଣ ବେହେରା ଉଦ୍‌ଘାଟନ କରିଥିଲେ। ଏହାର ଉପକାରିତା ବିଷୟରେ ଜନଜାଗରଣ ସୃଷ୍ଟି କରିବା ଏହି ପକ୍ଷ ପାଳନର ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଦୀପ୍ତିମୟୀ ଜେନା, ବିପିଏମ୍ କମଳଲୋଚନ ରଣା, ସୁପରଭାଇଜର ଦଶରଥ ବାଘରାୟ, ରୋଗୀ କଲ୍ୟାଣ ସମିତିର ବରିଷ୍ଠ ସଦସ୍ୟ ବସନ୍ତ କୁମାର ମହାପାତ୍ର, ଡା ସିପୁନ ପଣ୍ଡା ସହଯୋଗ କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ବଡସାହି,୩୦।୧୧(ସ୍ୱ.ପ୍ର.): ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ନାରାୟଣ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡା ସୁକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା ତାପସ ପଣ୍ଡା, ଡା ମଞ୍ଜୁବାଳା ମହାନ୍ତ, ପିଏଇଚ୍ ଇଓ ଦୀପ୍ତିମୟୀ ଜେନା, ବିପିଏମ୍ କମଳଲୋଚନ ରଣା, ସମ୍ମାନୀୟ ଅତିଥି ଭାବେ ରୋଗୀ କଲ୍ୟାଣ ସମିତିର ସଦସ୍ୟ ବସନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ନୂତନ ଭାବେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଭାବେ ଯୋଗ ଦେବେ ବୋଲି ଜଣାଯାଇଛି। ଶେଷରେ ଶରତ ଚନ୍ଦ୍ର ପରିଚ୍ଛା ଧନ୍ୟବାଦ ଜ୍ଞାପନ କରିଥିଲେ।

# ନାହିଁ ଏଆର୍‌ଟି ସେଣ୍ଟର, ମିଳୁନି ସେବା

■ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ସୃଷ୍ଟି ପ୍ରୟାସ
■୧୩ ବର୍ଷରେ ୧୦୪୧ ରୋଗୀ ଚିହ୍ନଟ, ୨୪୯ ମୃତ

ବାରିପଦା ଅଫିସ,୩୦।୧୧

ମୟୂରଭଞ୍ଜ ଜିଲାରେ ଚିହ୍ନଟ ଏଡ୍‌ସ (ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନ୍‌ସି ସିଣ୍ଡ୍ରୋମ) ରୋଗୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାର କିଛି ପ୍ରଭାବ ପଡୁ ନାହିଁ। ଅନ୍ୟପକ୍ଷେ ରୋଗାକ୍ରାନ୍ତମାନଙ୍କୁ ଏଠାରେ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନାହିଁ। ବାରିପଦାଠାରେ ଏଆରଟି ସେଣ୍ଟର(ଆଣ୍ଟି ରେଟ୍ରୋଭାଇରାଲ ଥେରାପି ସେଣ୍ଟର) ଖୋଲିବା ଲାଗି ଦାବି ହେଉଥିଲେ ମଧ୍ୟ ଏହା ଶୀତଳଭଣ୍ଡାରରେ ପଡି ରହିଛି। ପ୍ରତିବର୍ଷ ଡିସେମ୍ବର ମାସର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ପାଳନ ବେଳେ ଏ ନେଇ ଦିଆଯାଉଥିବା ପ୍ରତିଶ୍ରୁତି କଥାରେ ଅଟକି ରହୁଛି।

୨୦୦୬ରୁ ୨୦୧୮ ଅକ୍ଟୋବର ମଧ୍ୟରେ ଜିଲାରେ ୧୦୪୧ ଏଡ୍‌ସ ରୋଗୀ ଚିହ୍ନଟ ହୋଇଥିବା ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ର ସୂତ୍ରରୁ ଜଣାପଡିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୪୯ ଜଣଙ୍କ ମୃତ୍ୟୁ ଘଟିଛି। ପରୀକ୍ଷା କେନ୍ଦ୍ର ପକ୍ଷରୁ ଅଦ୍ୟାବଧି ୨ ଲକ୍ଷ ୯୮ ହଜାର ୨୧୧ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ରିପୋର୍ଟ ଦିଆଯାଇଛି। ୨୦୧୮ ଅକ୍ଟୋବର ସୁଦ୍ଧା ଜିଲାରେ ୭୧ ଏଡ୍‌ସ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୧୮ ଜଣଙ୍କ ମୃତ୍ୟୁ ଘଟିଥିବା ଏହି ସୂତ୍ରରୁ ଜଣାପଡିଛି। ଚିହ୍ନଟ ହୋଇଥିବା ଏଡ୍‌ସ ରୋଗୀଙ୍କ ମଧ୍ୟରେ ୫୬୦ ପୁରୁଷ ଓ ୩୯୪ ମହିଳା , ୪୯ ବାଳକ ଓ ୩୮ ଜଣ ବାଳିକା ଅଛନ୍ତି। ସେହିପରି ସମଗ୍ର ଜିଲାରେ ରାଇରଙ୍ଗପୁରରେ ସର୍ବାଧିକ ୧୨୪ , ଦ୍ୱିତୀୟରେ ବାରିପଦାରେ ୧୧୧ ଓ ତୃତୀୟରେ ବିଶୋୟୀରେ ୧୦୨ ଜଣ ରୋଗୀ ଅଛନ୍ତି। ଗୋପବନ୍ଧୁନଗର ବ୍ଲକରେ ଜଣେବି ରୋଗୀ ନ ଥିବା ରିପୋର୍ଟରୁ ଜଣାପଡିଛି।

ସାଧାରଣତଃ ଏଡ୍‌ସ ଦୁଇ ପ୍ରକାରର। ଗୋଟିଏ ଏଚ.ଆଇ.ଭି.-୧ ଓ ଅନ୍ୟଟି ଏଚ.ଆଇ.ଭି.-୨। ଭାରତରେ ଏଚ.ଆଇ.ଭି.-୧ର ପ୍ରଭାବ ଅଧିକ । ଜିଲାରେ ଏଡ୍‌ସ ରୋଗର ବ୍ୟାପକତାକୁ ଦୃଷ୍ଟିରେ ରଖି ୨୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ପରାମର୍ଶ ଦେବା ଓ ରକ୍ତ ସଂଗ୍ରହ ପାଇଁ ଏଫ.ଆଇ.ସି.ଟି.ସି. ଏବଂ ୧୦ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଣ୍ଡାର୍ଡ ଆଇ.ସି.ଟି.ସି. ବ୍ୟବସ୍ଥା ରହିଛି। ବାରିପଦାରେ ୨ଟି ଏବଂ ବେତନଟି, ବଡସାହି,ଉଦଳା, ବିଶୋଇ, ରାଇରଙ୍ଗପୁର, ଯଶୀପୁର, କରଞ୍ଜିଆ ଓ ଠାକୁରମୁଣ୍ଡାରେ ଗୋଟିଏ ଲେଖାଏଁ ରହିଛି। ଏହି ପରୀକ୍ଷାରୁ ଏଚଆଇଭି ପଜିଟିଭ୍ ଜଣାପଡିବା ପରେ ଷ୍ଟାଣ୍ଡାର୍ଡ ଆଇ.ସି.ଟି.ସି.ରେ ପରୀକ୍ଷା ଆବଶ୍ୟକ ପଡିଥାଏ। ଜିଲାରେ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ସେଣ୍ଟର ନ ଥିବାରୁ ରୋଗୀଙ୍କୁ ବାଲେଶ୍ୱର ଯିବାକୁ ପଡୁଛି। ବାରିପଦାରେ ଏକ ଲିଙ୍କ ଏ.ଆର.ଟି. ସେଣ୍ଟର ନାମକୁ ମାତ୍ର କାର୍ଯ୍ୟକାରୀ ହେଉଛି। ବାରିପଦା ଠାରେ ଏ.ଆର.ଟି. ସେଣ୍ଟର ଖୋଲିବାକୁ ଦାବି ହେଉଥିଲେ ମଧ୍ୟ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ଏଥିରେ ଅନ୍ତରାୟ ସାଜିଛି। ବାରିପଦାରେ ମେଡିକାଲ କଲେଜ ଖୋଲାଯିବା ସତ୍ତ୍ୱେ ଏ.ଆର.ଟି ସେଣ୍ଟର ଖୋଲିବା ଦାବିକୁ ଅଣଦେଖା କରାଯିବା ଉଦ୍‌ବେଗର କାରଣ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପୁରବୀ ମହାନ୍ତି କହିଛନ୍ତି, ସଚେତନତା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ। ଶନିବାର ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ବ୍ଲକ ସ୍ତରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ ସଚେତନ କରାଇବା ଲାଗି ପଦକ୍ଷେପ ନିଆଯାଇଛି। ଏ.ଆର.ଟି ସେଣ୍ଟର ଖୋଲିବା ସକାଶେ ସେ ସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି।




ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଶିଖିଲେ ଆତ୍ମସୁରକ୍ଷା କୌଶଳ

କପ୍ତିପଦା,୩୦।୧୧(ଡି.ଏନ.ଏ)

କପ୍ତିପଦା ମହାବିଦ୍ୟାଳୟ ନୂଆସାହି ପରିସରରେ ଗୁରୁବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା କୌଶଳ ଶିକ୍ଷାର ଅଭିପ୍ରାୟ ଏବଂ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ କୌଣସି ଅପ୍ରୀତିକର ପରିସ୍ଥିତିରେ ନିଜକୁ ସୁରକ୍ଷା ପ୍ରଦାନ କରିବା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ କମଳାକାନ୍ତ ବୁଗୁଡ଼େଇ ଆଧୁନିକ ସଭ୍ୟ ସମାଜରେ ନାରୀ କିପରି ନିଜକୁ ସୁରକ୍ଷିତ ମନେ କରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶଙ୍କର୍ଷଣ ମିଶ୍ର, ଲୀନା ଆଚାର୍ଯ୍ୟ, ନୀରୋଦ ନାୟକ, ଅରବିନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମାଷ୍ଟର ଟ୍ରେନର ପାର୍ବତୀ ଜେନା ଓ ବନିତା ମହାନ୍ତି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳର କିଛି ଝଲକ୍ ପ୍ରଦର୍ଶନ କରିଥିଲେ ।

■ ବାଲି ଉଠାଣକୁ ନେଇ ବିବାଦ

# ଲିଜ୍‌ଧାରୀ-ଗ୍ରାମବାସୀ ମୁହାଁମୁହିଁ

ବାଙ୍ଗିରିପୋଷି,୩୦।୧୧(ଡି.ଏନ.ଏ)

ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ଗ୍ରାମ ନିକଟରେ ବାଲି ଉଠାଣକୁ କେନ୍ଦ୍ରକରି ଉଭୟ ଲିଜଧାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଚନ୍ଦନପୁର ଗ୍ରାମ ଓ ତାଳଚିକିରି ଗ୍ରାମ ମଧ୍ୟସ୍ଥ କତାରା ନଦୀ ତୁଠରୁ ରାତିଦିନ ଜେସିବି ଲଗାଇ ବାଲି ଉଠାଣ ଚାଲିଛି । ଏହାକୁ ବିରୋଧ କରି ଚନ୍ଦନପୁର ଗ୍ରାମବାସୀ ବାଙ୍ଗିରିପୋଷି ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାଜାଣି ଲିଜଧାରୀ ମଧ୍ୟ ଗ୍ରାମବାସୀଙ୍କ ବିରୋଧରେ ଥାନା ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେବା ସହ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଚନ୍ଦନପୁର ଗ୍ରାମର ମହିଳ ଶୁକ୍ରବାର ବାଲି ଖାଦାନ ଲିଜଧାରୀଙ୍କ ବିପକ୍ଷରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଲିଜଧାରୀଙ୍କ ସହଯୋଗୀମାନେ ସେମାନଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିବା ଅଭିଯୋଗରେ ଉଲ୍ଲେଖ ଅଛି। ଏନେଇ ଗ୍ରାମବାସ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାଙ୍ଗିରିପୋଷି ତହସିଲଦାରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏନେଇ ବାଙ୍ଗିରିପୋଷି ଥାନା ଅଧିକାରୀ ଚନ୍ଦନ ଘୋଡାଇଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରାଯିବ ବୋଲି କହିଛନ୍ତି।

# ଛାତ୍ରାବାସରେ ପ୍ରଥମାଷ୍ଟମୀ: ୧୦୨ ପଢୁଆଁ




ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରାବାସରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି।

ବଡସାହି, ୩୦।୧୧(ସ୍ୱ.ପ୍ର.)

ଓଡ଼ିଆ ସଂସ୍କୃତିରେ ପଢୁଆଁମାନଙ୍କ ପର୍ବ ଭାବେ ପାଳିତ ହୁଏ ପ୍ରଥମାଷ୍ଟମୀ। ସେମାନେ ମାମୁଘରୁ ଆସିଥିବା ନୂତନ ବସ୍ତ୍ର ପିନ୍ଧିବା ଓ ହଳଦୀପତ୍ରରେ ପିଠା ଖାଇବା ପରମ୍ପରା କେଉଁ ଅନାଦିକାଳରୁ ରହି ଆସିଛି। ମାମୁଘର ନୂତନ ବସ୍ତ୍ର ପିନ୍ଧିଲେ ମାମୁ ମାଈଙ୍କ ଅନ୍ତେ ସେମାନଙ୍କୁ ପିଣ୍ଡ ଦେବାର ଅଧିକାର ଏହି ପ୍ରଥମାଷ୍ଟମୀରୁ ହିଁ ପଢୁଆଁମାନେ ପାଇଥାନ୍ତି। ଅନ୍ୟପକ୍ଷରେ ହଳଦୀ କୃମିନାଶକ ହୋଇଥିବାରୁ ହଳଦୀପତ୍ରର ପିଠାରେ ହଳଦୀର ଗୁଣ ଥିବାରୁ ବଡମାନେ କୃମିରୋଗ ଭୋଗନ୍ତି ନାହିଁ ବୋଲି ଜନଶ୍ରୁତି ରହିଛି। ଏହି ପରିପ୍ରେକ୍ଷୀରେ ବଡସାହି ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରାବାସରେ ସାମୂହିକ ପ୍ରଥମାଷ୍ଟମୀ ପାଳିତ ହୋଇଯାଇଛି। ସ୍ନିଗ୍ଧାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ଯୋଗଦେଇ ଏହା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ସିଂ, ପ୍ରଦୀପ କୁମାର ରାଉତ, ଅଚ୍ୟୁତାନନ୍ଦ ସାହୁ, ସପନ କୁମାର ହେମ୍ବ୍ରମ ଓ ଶକୁନ୍ତଳା ମହାକପନ୍ତ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରାବାସର ୨୮୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୭ଜଣ ଛାତ୍ର ଓ ୪୫ଜଣ ଛାତ୍ରୀ ପଢୁଆଁ ଭାବେ ଏହି ଉତ୍ସବରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଶାନ୍ତନୁ ଦେବାବୁ ଓ ଶଶିଭୂଷଣ ବେହେରା ମାମୁ ଭାବେ ଯୋଗ ଦେଇ ପିଲାଙ୍କୁ ନୂତନ ବସ୍ତ୍ର ପିନ୍ଧାଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପରିଚାଳନା କରିଥିଲେ। ବାଣୀମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ହେବା ପରେ ପଢୁଆଁମାନଙ୍କୁ ପିଠା ଖୁଆ ଯାଇଥିଲା। ଏହି ଅବସରରେ ବହୁ ଅଭିଭାବକ ଖୁସି କରାଇଥିଲେ ଏବଂ ଶତାଧିକ ମାତାପିତା ଉପସ୍ଥିତ ରହି ପିଲାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡା. କୁମାର ବାବୁଲି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବଢ଼ାଅ ବିଶ୍ୱ ବନ୍ଧୁତ୍ୱ ମନୋଭାବ'

କପ୍ତିପଦା,୩୦।୧୧(ଡ଼ି.ଏନ୍.ଏ)

କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ଇଂ ରାମଚନ୍ଦ୍ର ହାଁସଦା ଯୋଗଦେଇ ଜୁନିୟର ରେଡ୍‌କ୍ରସ୍ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟସେବା ଓ ବିଶ୍ୱ ବନ୍ଧୁତା ମନୋଭାବ ନେଇ ନିଜକୁ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ କପ୍ତିପଦା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଧାନ ଚନ୍ଦ୍ର ରାୟ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବିଧାୟକ ପ୍ରତିନିଧି ପ୍ରବୀର ଚନ୍ଦ୍ର ସା. ବ୍ଲକ୍ ଉପାଧ୍ୟକ୍ଷ ନୀଳମାଧବ ପାତ୍ର ଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରେଷ୍ଠ ରେଡକ୍ରସ ଛାତ୍ର ଭାବେ ଜବାହରଲାଲ ଉଚ୍ଚ ବିଦ୍ୟାଳୟ, ବଡଖଲାଡିର ସତ୍ୟଶିବ ବେହେରା ଓ ବାରିପଦାସ୍ଥିତ ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପଦ୍ମାବତୀ ଦାସ, ଶ୍ରେଷ୍ଠ କାଉନସିଲର ଶିକ୍ଷକ ଭାବେ ଝରାଡିହି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସ୍ମୃତି ରଞ୍ଜନ ପାଣି ଓ ଶିକ୍ଷୟିତ୍ରୀ ଭାବେ ଇତିଶ୍ରୀ ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।








WALK-IN-INTERVIEW
RKCAT GROUP OF INSTITUTIONS
At/Po.: Nilgiri, Dist.: Balasore, Ph.: 06782 - 233921, 233922

Interested applicants are directly come with their complete bio-data along with all original certificates & their identity proof of PAN Card / Aadhar Card / Voter ID for Interview on dt.09.12.2018 at R.K.C.A.T. Polytechnic Campus, Nilgiri, Balasore between 10 AM to 3 PM.

| Post | Required for | Qualification |
|---|---|---|
| Lecturer | R.K.C.A.T., Nilgiri / S.S.I.T., Karanjia (Polytechnic) | B.Tech / M.Tech in Civil / Elect. Engg. |
| Clerk | S.S.I.T (Polytechnic), Karanjia | B.Com/B.Sc. / BA with computer knowledge |
| Security | R.K.C.A.T., Nilgiri / S.S.I.T., Karanjia (Polytechnic) | Matric / under matric |
| Peon | R.K.C.A.T., Nilgiri / S.S.I.T., Karanjia (Polytechnic) | Matric / under Matric |
| Venue | Date 09.12.2018 | Place: R.K.C.A.T. Polytechnic Campus, Nilgiri, Balasore |

N.B.: Salary will be decided for suitable candidates at the time of Interveiw.

Sd./- Secretary-cum-Director

With Best Compliments:-
PRIVATE BUS OWNER'S ASSOCIATION
KEONJHARGARH, KEONJHAR, ODISHA
Regd No. 17077/1911 of 1979-80

Sushanta Kumar Panda
Advisor
Pratap Chandra Naik
Advisor

Singhadri Bihari Sahu- President
Manoranjan Mishra- Vice-President
Manaranjan Sahoo- Secretary
Tanwir Alam- Jnt. Secretary
Bijay Kumar Nayak- Treasurer

Executive Members:-
1) Manoj Kumar Maharana, 2) Kanhei Barik, 3) Anjan Kumar Mahakud, 4) Lokanath Mahanta, 5) Saroj Kumar Baghelbabu, 6) Uttam Kumar Behera, 7) Rabindra Kumar Majhi

With best Compliments from
M/s SHANTIDEVI EXPORT (P) LTD
At/Po.: Palaspanga, Dist.: Keonjhar

## ସଂକ୍ଷେପରେ

### ପ୍ରଶିକ୍ଷଣ ବଢ଼ାଇବ ଦକ୍ଷତା

**ବାସୁଦେବପୁର, ୩୦।୧୧ (ଡି.ଏନ.ଏ.):** ସରକାରୀ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ସଚେତନ କରିବା ପ୍ରୟାସ ଜାରି ରହିଛି। ଶୁକ୍ରବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନଫରେନ୍ସ ହଲ୍ ପରିସରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବ୍ଲକସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ, ଜଳସେଚନ, ପ୍ରାଣୀସମ୍ପଦ, କୃଷି, ଉଦ୍ୟାନ କୃଷି, ଭୂନିବନ୍ଧକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଶିକ୍ଷଣ ମାଧମରେ ଦକ୍ଷତା ବଢ଼ିବା ସହ ଯୋଜନାର ରୂପାୟନ ସଫଳ ହେବ ବୋଲି ମତ ପ୍ରକାଶ ପାଇଥିଲା। ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଯୋଜନା ବିନିଯୋଗ ସମ୍ପର୍କରେ ମତ ରଖିଥିଲେ। ତହସିଲ ଓ ବ୍ଲକ ପ୍ରଶାସନ ସହଯୋଗରେ ଆୟୋଜିତ ଶିବିରରେ ତହସିଲଦାର ପ୍ରକାଶ ଚନ୍ଦ୍ର ରାଉଳ, ବିଡିଓ ବୀରକିଶୋର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସବରେଜିଷ୍ଟ୍ରାର କରୁଣାକର ଦିନ୍ଦା ପ୍ରମୁଖ ମଞ୍ଚାସୀନ ରହି ଦିଗ୍‌ଦର୍ଶନ ଦେଇଥିଲେ। ଜିଲା ସଂଯୋଜକ କ୍ଷୀତିଶ ଯୁଗଧର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନେତ ଉଡ଼ାଣ ଉତ୍ସବ ଲାଗି ପ୍ରସ୍ତୁତି

**ଭଦ୍ରକ ଅଫିସ, ୩୦।୧୧:** ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତ ଉଡ଼ାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚରମ୍ପା ଡଗରାସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ପୌରୋହିତ୍ୟ କରିଥିଲେ। ଭକ୍ତଙ୍କ ମଧରେ ଶ୍ରୀଜଗନ୍ନାଥ ଦର୍ଶନ, ତତ୍ତ୍ୱ ଓ ତଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସମିତିର ପ୍ରୟାସ ବୋଲି ବୈଠକରେ ସମିତିର ସହ ଆବାହକ ବାବୁଲାଲ ଦାସ ପ୍ରକାଶ କରିଥିଲେ। ଡଗରାସାହି ମନ୍ଦିରରେ ଆଗାମୀ ନୂତନବର୍ଷରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ଡିସେମ୍ବର ୩୧ ଓ ନୂଆବର୍ଷ ଜାନୟାରୀ ୧ ତାରିଖରେ ଦୁଇଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମ ରହିଛି। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ, ଶରତ ମହାନ୍ତି, କମଳାକାନ୍ତ ପ୍ରଧାନ, ବିଜୟ କୁମାର ବିଶ୍ୱାଳ, ନାରାୟଣ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ମଲ୍ଲିକ, ପଦ୍ମଲୋଚନ ମହାପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ଭଣ୍ଡାରିପୋଖରୀ, ୩୦।୧୧ (ଡି.ଏନ.ଏ.):** ସ୍ଥାନୀୟ ତେସିଙ୍ଗା ପଞ୍ଚାୟତ ସାନବନସ୍ତା ଗ୍ରାମର ୭ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଭାବେ ୬ ଲକ୍ଷ ୯୨ ହଜାର ୩୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟଠାରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅଗ୍ନିବିପନ୍ନ ରମେଶ ଚନ୍ଦ୍ର ସାହୁ, ଗୌରାଙ୍ଗ ସାହୁ, ଶରତ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ସୁଲୋଚନା ସାହୁ, ପରେଶ କୁମାର ସାହୁ, ଦ୍ରୌପଦୀ ସାହୁ ପ୍ରତ୍ୟେକ ପରିବାରକୁ ୯୮ ହଜାର ୯୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ଲୁହଭିଜା ନିଆଁର ଛବି 'ସମାରୀ'

**ଭଦ୍ରକ ଅଫିସ,୩୦।୧୧**

ଆଦିବାସୀ ଝିଅ ସମାରୀ। ଶୋଷଣ ଓ ନିର୍ଯାତନାର ଏକ କରୁଣ ଛବି। ସେ ଲଢ଼ିଛି ଜୀବନ ଓ ସ୍ୱାଭିମାନ ପାଇଁ। ଲୁହ ନେସା ଆଖିରେ ଜଳିଛି ପ୍ରତିଶୋଧର ନିଆଁ। ଯେଉଁ ନିଆଁ ଶୋଷଣକାରୀଙ୍କୁ ଦେଇଛି ଶାସ୍ତି। ଅବହେଳିତ ବଣପାହାଡ ମୁଲକର ସରଳ, ନିରୀହ ଝିଅ ସମାରୀଙ୍କ ଜୀବନ କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ପାର୍ଲିଁ'। ଶେଷ ଯାଏ ଦର୍ଶକଙ୍କୁ ବାନ୍ଧି ରଖିଛି। କାହାରି ପଡିନି ଆଖିପତ୍ତା।

ଶୁକ୍ରବାର ଭଦ୍ରକ ଟାଉନ ହଲ ପରିସରରେ ଚାଲିଥିବା 'ନାଟକ ମହୋତ୍ସବ'ର ୨ୟ ସନ୍ଧ୍ୟାକୁ ଅଧିକ ରୋଚକ କରିଥିଲା 'ପାର୍ଲିଁ'। ସମ୍ବଲପୁରୀ ସଂସ୍କୃତି ଓ ଜୀବନଧାରା ଉପରେ ଆଧାରିତ ଏହି ନାଟକ ପରିବେଷଣ କରିଥିଲେ ଭୁବନେଶ୍ୱର 'ଆମେ ସୃଷ୍ଟି' ନାଟ୍ୟ ଅନୁଷ୍ଠାନର କଳାକାରମାନେ। ମୁଖ୍ୟ ସମାରୀ ନାରୀ ଚରିତ୍ରରେ ଭାବପୂର୍ଣ୍ଣ, ବଳିଷ୍ଠ ଅଭିନୟ କରିଥିଲେ ଚର୍ଚ୍ଚିତ ସିରିୟଲ କଳାକାର ମନିଷା ରଥ। ୧୨ ଚରିତ୍ରଙ୍କୁ ନେଇ ଲମ୍ବିଥିଲା ନାଟକର କାହାଣୀ। ବିଭିନ୍ନ ଭୂମିକାରେ ସିରିୟଲ ଅଭିନେତ୍ରୀ ମୋନିକା ସାହୁ, ଲକ୍ଷ୍ମୀପ୍ରିୟା ସେନାପତି, ନନ୍ଦନ, ବିଶ୍ୱ, ବିନୁ, ରାଜା, ପାର୍ଥ, ରମିତ, ରାଜେନ୍ଦ୍ର, ସୁବାସ ଓ ପିନୁ ଅଭିନୟ କରିଥିଲେ। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଏହି ନାଟକରେ ନିର୍ଦ୍ଦେଶନା ଦେଇଥିଲେ ଲାଲା ବୀରେନ ରାୟ। ଶକ୍ତି ମିଶ୍ର ଦେଇଥିଲେ ସଙ୍ଗୀତ ନିର୍ଦ୍ଦେଶନା। ଏହି ନାଟ୍ୟସନ୍ଧ୍ୟାର

**ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



ନାଟକ 'ପାର୍ଲିଁ'ର ଏକ ଦୃଶ୍ୟରେ କଳାକାର।

- 'ପାର୍ଲିଁ' ଦେଲା ନିର୍ଯାତନାକୁ ଭିନ୍ନ ପରିଭାଷା
- ଦର୍ଶକ ଅପଲକ, ସମ୍ମୋହିତ

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର ସଭାପତିତ୍ୱ କରିଥିଲେ। ନାଟ୍ୟକାର ଅଟଳ ବିହାରୀ ନାୟକ, ନାଟ୍ୟ ଗବେଷକ ଡ. କ୍ଷୀରୋଦ କୁମାର ସାମଲ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, କବି ପ୍ରମୋଦ ରାୟ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଆମେ ସୃଷ୍ଟି' ନାଟ୍ୟସଂସ୍ଥାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭେନ୍ଦୁ ଲେଙ୍କା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କେତ, ସମତାର ସ୍ୱର ସବୁଜ, ସଞ୍ଚାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଥବବା ୩ ଦିନିଆ ନାଟକ ମହୋତ୍ସବ ଶନିବାର ସରିବ। ପ୍ରଥମ ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କ ପ୍ରତି ପଥଚାରୀଙ୍କ ମାନସିକତାକୁ ତୀର୍ଯ୍ୟକ ଆକ୍ଷେପ କରି ମଞ୍ଚସ୍ଥ ହୋଇଥିଲା ନାଟକ 'ବେକାର ଝାମେଲା'। ସମୟୋପଯୋଗୀ କାହାଣୀକୁ ନେଇ ନାଟ୍ୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ନାଟ୍ୟସଂସ୍ଥାର ଏଭଳି ପ୍ରୟାସକୁ ମିଳିଥିଲା ଦର୍ଶକଙ୍କ ଭରପୁର ସମର୍ଥନ। କରତାଳିରେ ଉଚ୍ଛୁଳି ପଡ଼ିଥିଲା ନାଟ୍ୟ ମଞ୍ଚ।

# ବାସୁଦେବପୁର ସହର ପାଇଁ ମାଷ୍ଟରପ୍ଲାନ

**ବାସୁଦେବପୁର, ୩୦।୧୧ (ଡି.ଏନ.ଏ.)**

- ମତ ବିନିମୟ କର୍ମଶାଳା
- ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ
- ପରାମର୍ଶଦାତା ନିଯୁକ୍ତ

ଭଦ୍ରକ ଜିଲା ବାସୁଦେବପୁର ସହରାଞ୍ଚଳକୁ ଯୋଜନାବଦ୍ଧ ସହର ରୂପ ଦେବା ନିମନ୍ତେ ହେବ ମାଷ୍ଟର ପ୍ଲାନ। ଶୁକ୍ରବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଏନେଇ ଟାଉନପ୍ଲାନିଂ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ପ୍ରସ୍ତୁତି ନିମନ୍ତେ ମତ ବିନିମୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳରେ ଭିତ୍ତିଭୂମି ବିକାଶ ଲାଗି ଭୂମି ଅଧିଗ୍ରହଣ, ଗୃହ ନିର୍ମାଣ, ଜଳ ନିଷ୍କାସନ, ଶିଳ୍ପାଞ୍ଚଳ, ସହର ତଳି ଅଞ୍ଚଳରେ ଉନ୍ନୟନ, ଟ୍ରାଫିକ ନିୟନ୍ତ୍ରଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଅବସର ବିନୋଦନ କେନ୍ଦ୍ର ନିର୍ମାଣ, ବୃକ୍ଷରୋପଣ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କଲ୍ୟାଣ ମଣ୍ଡପ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ କିଭଳି ଗୁରୁତ୍ୱ ଦିଆଯିବ ସେନେଇ ବିଭିନ୍ନ ଲୋକଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସହରକୁ କିପରି ଶ୍ରେଷ୍ଠ ସହରରେ ପରିଣତ କରାଯାଇ ପାରିବ ତାହାର ବିଭିନ୍ନ ବୈଷୟିକ ଦିଗ ନେଇ ମତ ବିନିମୟ କରାଯାଇଥିଲା।

ଉଲ୍ଲେଖନୀୟ ଯେ, ୧୯୯୯ ମସିହାରେ ଏଠାରେ ୨୧ଟି ରାଜସ୍ୱ ଗ୍ରାମର ୪୭.୩୪ ବର୍ଗ କି.ମି. ଅଞ୍ଚଳକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଥିଲା। ୨୦୧୧ ଜନଗଣନା ଆଧାରରେ ଏହି ଅଞ୍ଚଳର ଲୋକସଂଖ୍ୟା ୩୩, ୬୯୦ ହୋଇଥିଲା। ଏହାକୁ ଚୂଡ଼ାନ୍ତ ରୂପ ଦେବା ନିମନ୍ତେ ୨୧.୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାଷ୍ଟରପ୍ଲାନ ପ୍ରସ୍ତୁତି ଲାଗି ବାଙ୍ଗାଲୋରର ସ୍ୱାଏ ଗ୍ରୁପ୍‌କୁ ପରାମର୍ଶଦାତା ସଂସ୍ଥା ଭାବେ ନିଯୁକ୍ତି ଦିଆଯାଇଛି ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା। ଟାଉନ ପ୍ଲାନିଂ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଓ ପୌରନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ସହରାଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷ ଓ ନାଗରିକ ଯୋଗ ଦେଇଥିଲେ।

## ରାତି ଅଧରେ ଚଢାଉ: ୩ ପେଟି ଦେଶୀମଦ ଜବତ

**ପଦ୍ମପୁର, ୩୦।୧୧ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ବାବାଜୀ ବେହେରାଙ୍କ ଘରୁ ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରି ୩ ପେଟି ଦେଶୀମଦ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୪୬/୧୮) ରୁଜୁ ହୋଇଛି। ଅଭିଯୁକ୍ତ ବାବାଜୀ ଫେରାର ଥିବା ପୋଲିସ କହିଛି।

# ଅବହେଳା ନେଇ ଚିନ୍ତା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ।

**ଭଦ୍ରକ ଅଫିସ, ୩୦।୧୧**

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ବ୍ୟବସ୍ଥା, ଡ୍ରେନେଜ, ପରିମଳ, କ୍ରୀଡ଼ା କ୍ଷେତ୍ରରେ ଭଦ୍ରକ ବିଧାନସଭା କ୍ଷେତ୍ର ବହୁ ପଛରେ ପଡିଛି। ଭଦ୍ରକ କଲେଜରେ ଅଧକ୍ଷ ଓ ଆବଶ୍ୟକ ଅଧ୍ୟାପକ ନାହାନ୍ତି। ଜିଲାରେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ନିର୍ମାଣ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ନ ହୋଇ ଫେରି ଯାଇଛି। ଜେଲ କୋଠା ନିର୍ମାଣ ପାଇଁ ପ୍ରଶାସନ ଜମି ଯୋଗାଡ଼ କରି ପାରୁନି। ଜିଲାରେ ଏଭଳି ବିଭିନ୍ନ ଆଞ୍ଚଳିକ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚରମ୍ପା ଅଞ୍ଚଳର ବିଜେଡି ଯୁବନେତା ଅଶୋକ ମହାନ୍ତି କହିଛନ୍ତି। ବରିଷ୍ଠ ବିଜେଡି ନେତା ରତ୍ନାକର ପ୍ରଧାନ, ବାବାଜୀ ସାମଲ, ରମେଶ ପଲାର, ରବିନାରାୟଣ ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳର କର୍ମୀମାନେ ବେଶ୍ ତତ୍ପର ହୋଇଉଠିଛନ୍ତି। ଏହି ପରିପ୍ରେକ୍ଷୀରେ ଅନେକ ଆଶାୟୀ ପ୍ରାର୍ଥୀ ସଂଗଠନ ସଜାଡ଼ିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଯୁବନେତା ଅଶୋକ ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ପୁଅ। ସେ ବାପାଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ସାଙ୍ଗଠନିକ କାର୍ଯ୍ୟରେ ଲାଗିପଡ଼ିଥିବାରୁ ଏହା ରାଜନୈତିକ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

## ୯ରୁ ଆରମ୍ଭ ଜିଲା ମହୋତ୍ସବ

**ଭଦ୍ରକ ଅଫିସ, ୩୦।୧୧**

ଭଦ୍ରକରେ ଜିଲା ମହୋତ୍ସବ 'ଭଦ୍ରାୟନୀ', ଜିଲା ଲୋକକଳା ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ଡିସେମ୍ବର ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରମା ଭୂୟାଁଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାରେ ମୋଟ ୨୨୦ ଷ୍ଟଲ ଖୋଲିବ। ସେଥିମଧ୍ୟରେ ଜିଲାର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ହସ୍ତତନ୍ତ କାରିଗରଙ୍କ ଉତ୍ପାଦିତ ସାମଗ୍ରୀ ସମେତ ଜିଲା ବାହାରର ଉତ୍ପାଦିତ ସାମଗ୍ରୀ ଓ ଖାଦ୍ୟ ଷ୍ଟଲ ସ୍ଥାନ ପାଇବ। ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଡାକ୍ତରଖାନାରେ କାୟାକଳ୍ପ ଆକଳନ ଟିମ୍



କାୟାକଳ୍ପ ଆକଳନ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ବାସୁଦେବପୁର, ୩୦।୧୧ (ଡି.ଏନ.ଏ.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା କାୟାକଳ୍ପ ଆକଳନ ଟିମ୍ ଶୁକ୍ରବାର ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କ୍ଷେତ୍ରୀୟ ଅନୁଧ୍ୟାନ କରିଛି। ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଏସ୍.ପି ପାଢ଼ୀଙ୍କ ନେତୃତ୍ୱରେ ଏହି ଟିମ୍‌ରେ ମୃତ୍ୟୁଞ୍ଜୟ ରଥ, ଦେବବ୍ରତା ପାଢୀ ପ୍ରମୁଖ ପହଞ୍ଚି ପ୍ରଥମେ ବାସୁଦେବପୁର ଡାକ୍ତରଖାନା କାର୍ଯ୍ୟାଳୟରେ କାଗଜପତ୍ର ତନଖି କରିଥିଲେ। ପରେ ଏହି ଟିମ୍ ଡାକ୍ତରଖାନାର ବାହ୍ୟ ଓ ଆଭ୍ୟନ୍ତରୀଣ ପରିବେଶ ଅନୁଧ୍ୟାନ କରିଥିଲେ। ଏଥିସହିତ ଡାକ୍ତରଖାନାର ସହାୟତା କେନ୍ଦ୍ର, ଏକ୍ସରେ କେନ୍ଦ୍ର, ଇନ୍‌ଡୋର ଓ ଆଉଟଡୋର ରୁମ, ଅପରେସନ ଥିଏଟର, ଡ୍ରେସିଂରୁମ, ଔଷଧ ବିତରଣ କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ, ପୁରୁଷ ଓ ମହିଳା ୱାର୍ଡ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଏହି ଟିମ୍ ଡାକ୍ତରଖାନାର କର୍ମଚାରୀ ଓ ରୋଗୀଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ଭଜହରି ସାହୁ, ବିପିଏମ୍ ପ୍ରମୋଦ କୁମାର ଭୂୟାଁଙ୍କ ସମେତ ଡାକ୍ତରଖାନା କର୍ମଚାରୀମାନେ କାୟାକଳ୍ପ ଆକଳନ ଟିମ୍‌କୁ ସହଯୋଗ କରିବା ସହ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଦିନତମାମ ଏହି ଟିମ୍ ଡାକ୍ତରଖାନାରେ ରହି ଅନୁଧ୍ୟାନ କରିବା ପରେ ଅପରାହ୍ନ ୫ଟାରେ ଫେରିଥିଲେ।

# ଠକେଇର ଶିକାର ଖାଉଟି

## ସଚେତନ ହେଲେ ସୁଧୁରିବ ସ୍ଥିତି

**ଭଦ୍ରକ ଅଫିସ, ୩୦।୧୧**

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟିମାନେ ସଚେତନ ହେଲେ ଅଧିକାଂଶ କ୍ଷେତ୍ରରେ ହେଉଥିବା ଠକେଇ ନିୟନ୍ତ୍ରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓଜନ ଓ ମାପ ବିଭାଗ ସହକାରୀ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ଜିଲା ଖାଉଟି ସୁରକ୍ଷା ମଞ୍ଚ ସଭାପତି ରଘୁନାଥ କର, ଅବସରପ୍ରାପ୍ତ ଅନୁଶାସନ ସଚିବ ଶରତ କୁମାର ନାୟକ, ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସଦସ୍ୟ ବସନ୍ତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଖାଉଟିମାନେ କିଭଳି ବିଭିନ୍ନ କ୍ଷେତ୍ରରେ ଠକେଇର ଶିକାର ହେଉଛନ୍ତି ଓ ଏନେଇ ଖାଉଟିମାନେ କିପରି ସଚେତନ ହୋଇପାରିବେ ସେ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ସେମାନେ ଆଲୋକପାତ କରିଥିଲେ। ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସମ୍ପାଦିକା ବନିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ମହିଳା ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଖାଉଟି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ସୁନୀତା, ଈପ୍‌ସିତା, ଶର୍ମିଷ୍ଠା, କରନଙ୍କ କମାଲ



କୃତୀ ପ୍ରତିଯୋଗୀଙ୍କ ସହ ଡିଏଭି ପବ୍ଲିକ ସ୍କୁଲ ଅଧକ୍ଷା।

**ଭଦ୍ରକ ଅଫିସ, ୩୦।୧୧**

ଭଦ୍ରକ ଜିଲା ଧାମରା ପୋର୍ଟ ଆନୁକୂଲ୍ୟରେ ସ୍ଥାପିତ କୁଆମରା ଆଦାନୀ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ସୁଭାଷ ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରାୟ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମାନସିକ ବିକାଶର ମାଧମ ବୋଲି ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବାଳକ ବରିଷ୍ଠ ବିଭାଗରେ କରନ କୁମାର, ବାଳିକା ବରିଷ୍ଠ ବିଭାଗରେ ସୁନିତା ମହାନ୍ତି, ଇପ୍‌ସିତା ମହାପାତ୍ର, ଶର୍ମିଷ୍ଠା ପ୍ରିୟଦର୍ଶିନୀ କୃତିତ୍ୱ ହାସଲ କରିଥିଲେ। ସେହିପରି ବିଦ୍ୟାଳୟର ଯମୁନା ହାଉସ ଚାମ୍ପିୟନ ହୋଇଥିବା ବେଳେ ମହାନଦୀ ହାଉସ ରନର୍ସଅପ୍ ହୋଇଥିଲା।

# ପ୍ରତିଯୋଗିତା: ପ୍ରତିଭା ଦେଖାଇଲେ ଛାତ୍ରୀ

**କପ୍ତିପଦା,୩୦।୧୧(ଡ଼ିଏନ୍‌ଏ)**

ଗତ ୩ ଦିନ ଧରି କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ୍ ଶିକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଖଲାଡି ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିଲାରେ ତୃତୀୟ ସ୍ଥାନ ଓ ଇଂରାଜୀ ରଚନାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଜିଆର୍‌ସି କାଉନ୍‌ସିଲର ରଞ୍ଜିତା ମୁର୍ମୁ, ଶିକ୍ଷକ ବିଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀ ପିଙ୍କିରାଣୀ ବେଶ୍ରା, ସବିତା ପାତ୍ର, କୌଶଲ୍ୟା ପାତ୍ର, କବିତା ଶିଅଳ, ଚିତ୍ରା ହାଁସଦାଃ, ପାର ମୁର୍ମୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିପାଇଁ ଉକ୍ତ ଛାତ୍ରୀମାନଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୬୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**କପ୍ତିପଦା, ୩୦।୧୧(ଡ଼ିଏନ୍‌ଏ)**

କପ୍ତିପଦା ପଞ୍ଚାୟତ ୨ନଂ ୱାର୍ଡ଼ ସାନସିମୁଳିଆ ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୬୫ ହିତାଧିକାରୀଙ୍କୁ ନୂତନ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ୱାର୍ଡ଼ ସଭ୍ୟା ସନ୍ଧ୍ୟାରାଣୀ ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କପ୍ତିପଦା ବ୍ଲକ ଉପାଧକ୍ଷ ନୀଳମାଧବ ପାତ୍ର, କପ୍ତିପଦା ସରପଞ୍ଚ ପ୍ରମୋଦ କୁମାର ସିଂ ଯୋଗ ଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ଜେନା, ପ୍ରୋମୋଟର ଅନ୍ନପୂର୍ଣ୍ଣା ବେହେରା, ଗ୍ରାମର ଶଙ୍କର୍ଷଣ ପରିଡ଼ା, ଗଙ୍ଗାଧର ପରିଡ଼ା, ନାରାୟଣ ମହାରଣା, ରତ୍ନାକର ମହାରଣା, ମହେନ୍ଦ୍ର ମହାରଣା, ନରହରି ବେହେରା, ସନାତନ ମହାରଣା, ସଂଯୋଜକ ନିରଂଜନ ମହାରଣା, ବାସୁଦେବ ସେନାପତି ଓ ବହୁ ଜନସାଧାରଣ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶନିବାର ୧୦ଟାରୁ ଖୋଲିବ ସ୍କୁଲ

**କେନ୍ଦୁଝର, ୩୦।୧୧(ସ୍ୱ.ପ୍ର.):** ସାଧାରଣତଃ ଶନିବାର ସକାଳୁଆ ସ୍କୁଲ ହୋଇଥାଏ। ହେଲେ ପ୍ରବଳ ଶୀତକୁ ନଜରରେ ରଖି ଏହି ସମୟର ପରିବର୍ତ୍ତନ କରାଯାଇଛି। ଶନିବାର ସକାଳୁଆ ହେବା ବଦଳରେ ପୂର୍ବାହ୍ନ ୧୦ ଟାରେ ବିଦ୍ୟାଳୟ ଖୋଲିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିର୍ଦ୍ଦେଶ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ତରବରିଆ ଭାବେ ଏପରି ଘୋଷଣାକୁ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ଛାତ୍ରୀଛାତ୍ର ଏହି ବିଜ୍ଞପ୍ତି ସମ୍ପର୍କରେ ଜାଣି ନ ଥିବାରୁ ସକାଳେ ବିଦ୍ୟାଳୟ ଯାଇ ଫେରିବେ ବୋଲି ମତ ପ୍ରକାଶ ପାଇଛି।

### ଜଳ ପ୍ରକଳ୍ପରୁ ଚୋରି: ୪ ଗିରଫ

**ବାଙ୍ଗିରିପୋଷି, ୩୦।୧୧(ଡି.ଏନ.ଏ):** ବାଙ୍ଗିରିପୋଷି ବ୍ଲକର ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ନିକଟସ୍ଥ ବୁଢାବଳଙ୍ଗ ନଦୀ ତଟରେ ନିର୍ମିତ ମେଗା ଜଳ ପ୍ରକଳ୍ପରୁ ବହୁ ସାମଗ୍ରୀ ଚୋରି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ସେଠାରେ ମହଜୁଦ ଥିବା ବେଳେ ତାହା ଚୋରି ହୋଇଯାଇଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତି କରି ବାଙ୍ଗିରିପୋଷି ଥାନା ପୋଲିସ ଏକ ମାମଲା (ନଂ ୧୩୪/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫମାନେ ହେଲେ ସ୍ଥାନୀୟ ଅଞ୍ଚଳର ବେବୁନ ବେହେରା, ଦୟାନିଧି ବେହେରା, ଚନ୍ଦ୍ର ମୋହନ ବେହେରାଓ ରୋହିଦାସ ସିଂ। ସେମାନଙ୍କ ନିକଟରୁ ଚୋରି ହୋଇଥିବା ୧୭ ଲୁହା ପାଇପ, ୧୩ଟି ପ୍ଲାଇ ଏବଂ ୬ଟି ଲୁହା ଛଡ ଜବତ ହୋଇଛି।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର
### ଜେଲ୍ ଗଲେ ଅଭିଯୁକ୍ତ

**ଜଳେଶ୍ୱର, ୩୦।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗର ତଦନ୍ତ କରି ପୋଲିସ ଅଭିଯୁକ୍ତ ଶିବ ବିନ୍ଧାଣି ଓରଫ୍ ବାବାଙ୍କୁ ଗିରଫ କରିଛି। ତାଙ୍କୁ ଅଧିକ ପଚରାଉଚୁରା ପରେ ଶୁକ୍ରବାର ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଅଦାଲତ (ପୋକ୍ସୋ କୋର୍ଟ)ରେ ହାଜର କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଲେଶ୍ୱର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ନାବାଳିକା ବଳାତ୍କାର ମାମଲା(ନଂ.୭୧/୧୮) ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ପୃକ୍ତ ନାବାଳିକାଙ୍କ ପିତା ଗ୍ରାମରେ ହେଉଥିବା କରମା ନାଚ ଦେଖିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କୁ ଘରୁ ଡାକି ନେଇ ବଳାତ୍କାର କରିଥିଲେ।

# ସଂରକ୍ଷଣ ସୁବିଧା ଦାବିରେ ବାରିପଦା ବନ୍ଦ



ବନ୍ଦ ପାଳନ ବେଳେ ମାରିସା ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରି ନେଉଛି।

- ମୁର୍ଗାବାଡ଼ିଠାରେ ରାସ୍ତାରୋକୋ, ବିକ୍ଷୋଭ
- ମାରିସା ସଭାପତିଙ୍କ ସମେତ ୩୨ କର୍ମକର୍ତ୍ତା ଗିରଫ
- ଗିରଫଦାରି ପରେ ବନ୍ଦ ପ୍ରଭାବଶୂନ୍ୟ

**ବାରିପଦା ଅଫିସ,୩୦।୧୧**

ଆଦିବାସୀଙ୍କୁ ସଂରକ୍ଷଣ ସୁବିଧା ଯୋଗାଇବା, ଖାଲି ପଡିଥିବା ସଂରକ୍ଷିତ ପଦବୀରେ ନିଯୁକ୍ତି ଏବଂ ଅନ୍ୟ କେତେକ ଆଞ୍ଚଳିକ ଦାବି ନେଇ ମୟୂରଭଞ୍ଜ ଆଦିବାସୀ ରିଭୋଲୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ(ମାରିସା) ପକ୍ଷରୁ ଶୁକ୍ରବାର ସକାଳ ୬ ଟାରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ଡାକରାକୁ ଆଦିବାସୀ ଷ୍ଟୁଡେଣ୍ଟ ଆସୋସିଏଶନ(ଆସା) ସମର୍ଥନ କରିଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ଆନ୍ଦୋଳନକାରୀ ଦାବିରେ ଅଡି ବସିବାରୁ ପୋଲିସ ୩୨ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ଫଳରେ ଏହି ବନ୍ଦ ଡାକରାର ପ୍ରଭାବ ସେଭଳି ଦେଖିବାକୁ ମିଳି ନ ଥିଲା।

ମାରିସାର ସଭାପତି ଅର୍ଜୁନ ମୁର୍ମୁ ଓ କାର୍ଯ୍ୟକାରୀ ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସକାଳ ୬ ଟା ବେଳେ ମୁର୍ଗାବାଡିଠାରେ ରାସ୍ତାରୋକୋ କରିଥିଲେ। ଦାବି ସପକ୍ଷରେ ସେମାନେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଚଳାଚଳ ବ୍ୟାହତ ହୋଇଥିଲା। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ସଦଳବଳ ସକାଳ ୮ ଟା ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ସଭାପତି ମୁର୍ମୁ ଓ କାର୍ଯ୍ୟକାରୀ ସଭାପତି ହାଁସଦାଙ୍କ ସମେତ ପ୍ରାୟ ୩୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ପୂର୍ବରୁ ବନ୍ଦ ଡାକରା ଦିଆଯାଇଥିବାରୁ ସହରର ବିଭିନ୍ନ ବ୍ୟବସାୟୀ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବନ୍ଦ କରି ଦେଇଥିଲେ। ତେବେ ସହରରେ ଜନଜୀବନ ଉପରେ ବନ୍ଦ ଡାକରାର କୌଣସି ପ୍ରଭାବ ପଡି ନ ଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ସହରରେ ଅନ୍ୟ ଦୋକାନ ବଜାର ଖୋଲିଥିଲା। ସହର ସମେତ ଜାତୀୟ ରାଜପଥରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ମାରିସା ପକ୍ଷରୁ କୁହାଯାଇଛି ଯେ, ମୟୂରଭଞ୍ଜ ଜିଲାରେ ସଂରକ୍ଷଣ ନିୟମର ଠିକ ପାଳନ କରାଯାଉ ନାହିଁ। ଜିଲାରେ ଥିବା ସମସ୍ତ ବିଭାଗରେ ରେଜିଷ୍ଟ୍ରାର ଓ ନଥିପତ୍ର ଠିକ୍ ଭାବେ ପ୍ରସ୍ତୁତ କରାଯିବା ଏବଂ ଜିଲାରେ ଥିବା ନିକୋ ଫ୍ୟାକ୍ଟ୍ରି ଏବଂ ସ୍ପିନିଂ ମିଲକୁ ପୁନଃ ପରିଚାଳିତ କରିବା ଦାବି ନେଇ ମାରିସା ଏହି ବନ୍ଦ ଡାକରା ଦେଇଥିଲା।




- ଟାୱାରରୁ ବ୍ୟାଟେରି ଚୋରି ଘଟଣା

# ଜେଲ୍ ଗଲେ ୬ ଅଭିଯୁକ୍ତ



ଗିରଫ ଅଭିଯୁକ୍ତ।

**ନୀଳଗିରି/ସଜନାଗଡ଼, ୩୦।୧୧(ଡି.ଏନ.ଏ.)**

ନୀଳଗିରି ବ୍ଲକର ଛତ୍ରପୁର ବଜାରରେ ଥିବା ଏୟାରଟେଲ ଟାୱାରରୁ ଗତ ୨୮ ତାରିଖ ରାତି ପ୍ରାୟ ୧୨ଟା ବେଳେ ୭ଜଣ ଡକାୟତ ଏକ ବୋଲେରୋରେ ଆସି ବ୍ୟାଟେରି ଚୋରି କରୁଥିବା ବେଳେ ବରହମପୁର ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିମାନଙ୍କୁ ପଚରାଉଚୁରା ପରେ ଶୁକ୍ରବାର ନୀଳଗିରି ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଟାୱାର ଅପରେଟର ରତିକାନ୍ତ ବେହେରା ଉକ୍ତ ରାତି ୯ଟାରେ ତଦାରଖ କରି ନିଜ ଘର ପୋଡ଼ାଶୁଳ ଜଗନ୍ନାଥପୁର ଗ୍ରାମକୁ ପଳାଇ ଆସିଥିଲେ। ରାତିରେ ତାଙ୍କ ମୋବାଇଲକୁ ଚୋରି ହେଉଥିବା ମେସେଜ ଆସିବା ପରେ ସେ ତୁରନ୍ତ ଛତ୍ରପୁର ପହଞ୍ଚିବା ବେଳକୁ ୭ଜଣ ଟାୱାରରୁ ବ୍ୟାଟେରି ଖୋଲୁଥିବା ଦେଖିବାକୁ ପାଇଥିଲେ। ଡକାୟତମାନେ ବନ୍ଧୁକର ଭୟ ଦେଖାଇବାରୁ ରତିକାନ୍ତ ଡରିଯାଇ ସେଠାରୁ ପଳାଇଆସି ଗାଁଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ୩ଜଣଙ୍କୁ ଧରିଥିବା ବେଳେ ଅନ୍ୟ ୪ଜଣ ଫେରାର ହୋଇଯାଇଥିଲେ। ବରହମପୁର ଥାନାଧିକାରୀ ରାଜେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଗିରଫ କରିଥିବା ବେଳେ ଫେରାର ୪ଜଣଙ୍କ ମଧ୍ୟରୁ ୩ଜଣକୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଗିରଫ ୬ଜଣ ହେଲେ ବାଲେଶ୍ୱର ମୋତିଗଞ୍ଜର କଂଗ୍ରେସଗଳିର ବାବୁଆ ବେରା (୨୪), ଆଦିତ୍ୟ ବେରା (୧୯), ଦୀନବନ୍ଧୁ ନାୟକ (୨୧), ସୁବାସ ବେରା (୨୪) ଏବଂ ବାଲେଶ୍ୱର ସିନେମାଛକ ଅଞ୍ଚଳର ମୋହନ ବାହାଦୁର ଥାପ୍ପା (୪୦), କେନ୍ଦୁଝର ଯୋଡ଼ା ଅଞ୍ଚଳର ରାଜୁ ନାୟକ। ବୋଲେରୋ ଗାଡ଼ିର ମାଲିକ ଫେରାର ହୋଇଯାଇଛନ୍ତି। ଏମାନଙ୍କଠାରୁ ପୋଲିସ ଶାବଳ, ଲୁହାରଡ଼ ଆଦି ଜବତ କରାଯାଇଛି। ଏନେଇ ଥାନାରେ ମାମଲା ନଂ. ୫୮/୧୮ ରୁଜୁ କରାଯାଇଛି।

# କୋଇଲା ଚାଲାଣ ବେଳେ ପିକ୍‌ଅପ୍ ଜବତ: ୨ ଗିରଫ

**ପଦ୍ମପୁର, ୩୦।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ଗାଡ଼ି ଚାଳକ ଚାନ୍ଦବାଲି ବ୍ଲକ କରଣପଲ୍ଲୀ ଅଞ୍ଚଳର ଭରତ ସାହୁ ଓ ନାୟକାଣିଡିହୀ ଥାନା ଅଧୀନ ବ୍ରଜାନନ୍ଦପୁରର ଜଗନ୍ନାଥ ଜେନାଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, କରଣପଲ୍ଲୀ ଅଞ୍ଚଳରୁ ଚୋରାରେ କୋଇଲା ଆଣି ମାଧୋଇ ଗ୍ରାମର ରତିକାନ୍ତ ପରିଡ଼ା ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଗୁରୁବାର ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ, ସୁଦର୍ଶନ ପ୍ରଧାନ ଓ ସୁଦର୍ଶନ ଜେନା ମିଳିତ ଭାବେ ଚଢ଼ାଉ କରି ଗୋବିନ୍ଦପୁର ଗ୍ରାମ ନିକଟରୁ ପିକଅପ୍ ଗାଡ଼ିକୁ ଜବତ କରିଥିଲେ। ଏଥିରେ ୪୦ ବସ୍ତା କୋଇଲା ଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୪୫/୧୮) ରୁଜୁ ହୋଇଛି। ଶୁକ୍ରବାର ଭରତ ଓ ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରତିକାନ୍ତ ଗିରି ସୂଚନା ଦେଇଛନ୍ତି।



ଜବତ କୋଇଲା।

# ଟ୍ରାଙ୍କୁଲାଇଜିଂ କରି ଭାଲୁ ଛୁଆ ଉଦ୍ଧାର

**ସଜନାଗଡ଼, ୩୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସ୍ୱର୍ଣ୍ଣଚୂଡ଼ ପାହାଡ଼ତଳି ଚାଷ ଜମିଗୁଡ଼ିକରେ ବାରାହା ଉପଦ୍ରବକୁ ରୋକିବା ସକାଶେ ଲୋକେ ବସାଇଥିବା ଫାଶରେ ପଡ଼ିଯାଇଥିବା ଏକ ୨ବର୍ଷର ଭାଲୁ ଛୁଆକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ସେଥିପାଇଁ ବନବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ଶେଷରେ ଟ୍ରାଙ୍କୁଲାଇଜର ଟିମ୍‌ର ସାହାଯ୍ୟ ନିଆଯାଇ ଭାଲୁ ଛୁଆକୁ ଉଦ୍ଧାର କରାଯାଇଥିଲା। ପରେ ତାକୁ ଚିକିତ୍ସା କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

ନୀଳଗିରି ବ୍ଲକ ଅଧୀନ କେ.ପି. ଲାଖରାଜ ପଞ୍ଚାୟତର କାଠଗୋଛି ଗ୍ରାମ ନିକଟରେ କେହି ବାରାହା ଧରିବା ପାଇଁ ଫାଶ ବସାଇଥିଲେ। ଗୁରୁବାର ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ମା' ଭାଲୁ ଏବଂ ତା ସହିତ ତାର ୨ ଛୁଆ ଖାଦ୍ୟ ଖାଇ ଭୋରରେ ପାହାଡ଼କୁ ଫେରୁଥିଲେ। ସେଥିମଧ୍ୟରୁ ଗୋଟିଏ ଭାଲୁ ଛୁଆ ଫାଶରେ ପଡିଯାଇଥିଲା। ଛୁଆ ଭାଲୁକୁ ଉଦ୍ଧାର କରିବା ପାଇଁ ମା' ଭାଲୁ ୫୦୦ମିଟର ଦୂରରେ ରହି ଗର୍ଜନ କରୁଥିଲା। ଶୁକ୍ରବାର ସକାଳେ ଗ୍ରାମବାସୀ ଫାଶ ନିକଟକୁ ଯାଇ ସେଥିରେ ଭାଲୁ ଛୁଆ ଫଶିଯାଇଥିବା ଦେଖି ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗର



ଫାଶରେ ଫସି ରହିଥିବା ଭାଲୁ।

ରେଞ୍ଜର ସୁକୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ରୁଣ୍ଡ ହୋଇଥିବା ଲୋକଙ୍କୁ ଦୂରକୁ ପଠାଇ ସୁରକ୍ଷିତ ଭାବେ ଭାଲୁ ଛୁଆକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସଫଳ ନ ହେବାରୁ ରେଞ୍ଜର ବାରିପଦାରୁ ଟ୍ରାଙ୍କୁଲାଇଜର ଟିମ୍‌କୁ ଡକାଇଥିଲେ। ଏହି ଟିମ୍ ପୂର୍ବାହ୍ନ ସାଢେ ୧୧ଟାରେ ପହଞ୍ଚିବା ପରେ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଭାଲୁକୁ ଉଦ୍ଧାର କରି ତାହାର ଚିକିତ୍ସା କରାଯାଇଥିଲା। ସେ ସୁସ୍ଥ ହେବାରୁ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଭାଲୁକୁ ଉଦ୍ଧାର କାର୍ଯ୍ୟରେ ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କ ସହ ଫରେଷ୍ଟର ଦେବରାଜ ରାଉତ, ଗଣେଶ ପ୍ରସାଦ ଲେଙ୍କା, ଦୁଷ୍ମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮ ୧୩୭୭୪୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

# ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

- ସାମାଜିକ କର୍ମୀଙ୍କ ଆନ୍ଦୋଳନ ଡାକରା

**ଭୋଗରାଇ,୩୦।୧୧(ଡି.ଏନ.ଏ.)**

ପ୍ରଶାସନ ଓ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା ଲାଗି ସୂଚନା ଅଧିକାର ଆଇନ ବଳରେ ଲୋକଙ୍କୁ ତଥ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଆବେଦନକାରୀଙ୍କୁ ଆବଶ୍ୟକ ତଥ୍ୟ ମିଳୁ ନାହିଁ। ଏଭଳି ପରିସ୍ଥିତି ଜାରି ରହିଲେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସାମାଜିକ କର୍ମୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରଘୁନାଥ ମହାନ୍ତି ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରି ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗପତ୍ରର ନକଲ ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟକୁ ମଧ୍ୟ ପଠାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ ହେବାରୁ ଏହାର ଦସ୍ତାବିଜ ଓ ତଥ୍ୟ ମଗାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ। ଏହି ପଞ୍ଚାୟତ ଅଧୀନ ଏକ ଗ୍ରାମର ଏକ ଗହୀର ଧାନଜମିରେ ପ୍ରକଳ୍ପ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ଥ ହଡ଼ପ କରାଯାଇଛି । ସେହିପରି ଆବାସ ଯୋଜନାରେ ଗୋଟିଏ ଘରକୁ ଦୁଇଜଣ ହିତାଧିକାରୀଙ୍କ ନାମରେ ଦିଆଯାଇ ବିଲ୍ ଉଠାଇ ନିଆଯାଇଛି। କଞ୍ଚନଗଡ଼ିଆ, ଗୋପୀନାଥପୁର, ବାସୁଦେବପୁର ଓ ନାରାଣପୁର ମେତ ୮ଟି ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭତ୍ତା ବଣ୍ଟନରେ ଅନିୟମିତତା ହୋଇଛି। ସୂଚନା ଅଧିକାର ଆଇନ୍ ବଳରେ ଏ ନେଇ ତଥ୍ୟ ଦିଆଯାଉ ନ ଥିବାରୁ ଦୁର୍ନୀତିକୁ ଘଣ୍ଟ ଘୋଡ଼ା ଉଦ୍ୟମ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦିଆନ ଗଲେ ଆନ୍ଦୋଳନ ଛଡା ଅନ୍ୟ ବାଟ ନାହିଁବୋଲି ସାମାଜିକକର୍ମୀ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏସମ୍ପର୍କରେ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀକୁ ପଚାରିବାରୁ ସେ ଏହାର ଅନୁଧ୍ୟାନ ଓ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୧ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ଦୁର୍ଘଟଣା: ୨ ମୃତ

ପାଟଣା/ ଚମ୍ପୁଆ, ୩୦।୧୧ (ସ୍ୱ.ପ୍ର./ ଡି.ଏନ୍.ଏ.): ପାଟଣା ଥାନା ଟଭାସରୁଆ ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଦୁଃଖବନ୍ଧୁ ନାଏକଙ୍କ ପୁଅ ଅନାମ। କରଞ୍ଜିଆ ପାର୍ଶ୍ୱରୁ ଓଆର ୦୯ଇ୯୮୦୨ ନମ୍ବର ବିଶିଷ୍ଟ ବାଇକ୍‌ରେ ରୂପନାରାୟଣ ନାଏକ, ହରେକୃଷ୍ଣ ମହାକୁଡ଼ ଓ ଅନାମ ନାଏକ ନିଜ ଘରକୁ ଫେରୁଥିବା ବେଳେ ବଡ଼ବିଲ ନିକଟ କରାଗିଲ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଚାଳକ ରୂପନାରାୟଣ ନାଏକ ଓ ଅନାମଙ୍କୁ ୧୦୮ ଆମ୍ବୁଲାନ୍ସରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଅନାମଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୫୯/୧୮) ରୁଜୁ ହୋଇଥିବା ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି। ସେହିପରି ଚମ୍ପୁଆ ଥାନା ଜଡିପଦାଠାରେ ଏକ ବାଇକ୍ ଦୁର୍ଘଟଣାରେ ଆହାତ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣଙ୍କ ହେଲେ ଟୋଲକନଣ୍ଡାର ରତ୍ନାକର ଗିରିଙ୍କ ପୁଅ ପ୍ରଦ୍ୟୁମ୍ନ। ଗୁରୁବାର ରାତିରେ ବାଇକ୍ ଯୋଗେ ସେ ଗାଁକୁ ଫେରୁଥିଲେ। ଜଡିପଦାରେ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

### ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶକୁ ଗୁରୁତ୍ୱ

ଆନନ୍ଦପୁର,୩୦। ୧୧(ସ୍ୱ.ପ୍ର.): ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ବିଶ୍ୱ ବ୍ୟାଙ୍କ ପ୍ରାୟୋଜିତ ଶାସନ ମାନଦଣ୍ଡରେ ଏକ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ବ୍ୟାଙ୍କ ପରାମର୍ଶଦାତା ପ୍ରଫେସର ଡ. ରଞ୍ଜନ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ସମ୍ବଳ ବିକାଶ ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଶିକ୍ଷାର ବିକାଶ ପାଇଁ ଶାସନ ମାନଦଣ୍ଡ ଅଧ୍ୟୟନ ନିତାନ୍ତ ଆବଶ୍ୟକ ବୋଲି ଡ. ବଳ ଆଲୋକପାତ କରିଥିଲେ। ଆଇଡିପିର ସଂଯୋଜକ ଡ. ଦିଲ୍ଲୀପ କୁମାର ଦାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ରାଜେନ୍ଦ୍ର ଦାଶ, ଅମୂଲ୍ୟ ସାହୁ, ଡ. ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ବୃନ୍ଦାବନ ଗୁଇଁ, ଉପସଂଯୋଜକ ଶିବ ଚରଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୋଲ ନିର୍ମାଣରେ ବିଳମ୍ବ, ଆନ୍ଦୋଳନ ଚେତାବନୀ

ରାଇସୁଆଁ, ୩୦।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ କେମ୍ପସଦା-କବିତ୍ରା ଓ ବାଉରୀପଦା-ଯୋଗୀମଠ ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୋଲ ନିର୍ମାଣରେ ବିଳମ୍ବ ହେଉଥିବାରୁ ୧୫ ହଜାରୁ ଉର୍ଦ୍ଧ୍ୱ ଲୋକ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏ ନେଇ ବାଉରୀପଦା ପଞ୍ଚାୟତ ବିକାଶ ପରିଷଦ ଅରଡେଇ ନଦୀ ପୋଲଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ନିକଟରେ ୧ରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ଜଣାଯାଇଛି।

### ସ୍ମୃତିଚାରଣ ସଭା

ଯୋଡ଼ା,୩୦।୧୧(ଡି.ଏନ.ଏ.): ଯୋଡ଼ା ସହରସ୍ଥିତ ବନେଇକଳା ବସ୍ତିରେ ରହୁଥିବା ଧର୍ମ ପରାୟଣ ବ୍ୟକ୍ତି ଈଶ୍ୱର ଚନ୍ଦ୍ର ଦାସଙ୍କ ପରଲୋକରେ ସ୍ଥାନୀୟ ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ଏକ ସ୍ମୃତିଚାରଣ ସଭା ହୋଇଥିଲା। ଏଥିରେ ସମିତିର ସାଧାରଣ ସମ୍ପାଦକ ବସନ୍ତ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଦାସ ଜଣେ ମିଷ୍ଟଭାଷୀ, ଧର୍ମ ପରାୟଣ, ପରୋପକାରୀ ତଥା ସମାଜସେବୀ ବ୍ୟକ୍ତିଥିଲେ। ପାତ୍ରତନ୍ତୀ କଲ୍ୟାଣ ସମିତିର ପୂର୍ବତନ ସଭାପତି ଭାବେ ରହି ସମାଜ ପାଇଁ ସେ ବହୁ କଲ୍ୟାଣମୂଳକ କାର୍ଯ୍ୟ କରିଥିଲେ। ଶନିବାର ଚମ୍ପୁଆ ଅଭିମୁଖେ ଯାଉଥିବା ବେଳେ ବାଇକ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ମୃତିଚାରଣ ସଭାରେ ପାତ୍ରତନ୍ତୀ କଲ୍ୟାଣ ସମିତିର ଭାସ୍କର ବେଣୁପୁରି, ହରେକୃଷ୍ଣ ପାତ୍ର, ଅଚ୍ୟୁତାନନ୍ଦ ପାତ୍ର, ଗୋକୁଳ ଚନ୍ଦ୍ର ପାତ୍ର, ମାୟାଧର ପାତ୍ର, ସଞ୍ଜୟ ପାତ୍ର ଓ ରାମଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତି ବିବାଦ

- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର
- କେନ୍ଦ୍ରରେ ଲାଗି ରହିଛି ଅଚଳାବସ୍ଥା

ଝୁମ୍ପୁରା, ୩୦।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଜଙ୍ଗଲାଞ୍ଚଳରେ ଅବସ୍ଥିତ ନିଶ୍ଚିନ୍ତପୁର ପଞ୍ଚାୟତର ତ୍ରିଲୋଚନପୁର ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିବାଦର ସମାଧାନ ହୋଇପାରୁନି। ଫଳରେ ଉକ୍ତ କେନ୍ଦ୍ରରେ ଅଚଳାବସ୍ଥା ଲାଗି ରହିଛି। ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟାରେ ଝୁମ୍ପୁରାସ୍ଥିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ନେଇ ପୂର୍ବରୁ ଜଣେ ଆଦିବାସୀ ଯୁବତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଅଭିଯୋଗର ବିଚାର କରି ସମ୍ପୃକ୍ତ ଯୁବତୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ, ଜିଲାପାଳଙ୍କ ପତ୍ର ସଂଖ୍ୟା ୪୨୪୩/୧୨/୧୧/୨୦୧୮, ଅତିରିକ୍ତ ଜିଲାପାଳଙ୍କ ପତ୍ରସଂଖ୍ୟା ୪୨୪୪/୧୨/୧୧/୨୦୧୮ ବଳରେ ସିଡିପିଓ ବାଧ ହୋଇ ଯୁବତୀଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦେବା ସକାଶେ ଚିଠି କରିଥିଲେ। ଫଳରେ ଯୁବତୀ ଜଣଙ୍କ ଅଙ୍ଗନୱାଡି କେନ୍ଦ୍ରରେ ଯୋଗ ଦେଇଥିଲେ ହେଁ ତାଙ୍କୁ ଏଯାଏଁ କାର୍ଯ୍ୟଭାର ଦିଆଯାଉନାହିଁ। ପୂର୍ବରୁ ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ବିବାଦ ଦେଖା ଦେଇଛି। ଏ ନେଇ ଯୁବତୀ ଜଣଙ୍କ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ତ୍ରିଲୋଚନପୁରରେ ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟା ୨୦୧୭ରେ ହୋଇଥିଲା। ଚୟନ ପ୍ରକ୍ରିୟା ଆଦିବାସୀ ଯୁବତୀ ସୀତାରାଣୀ ସୁଣ୍ଡି ଯୋଗ୍ୟ ବିବେଚିତ ହୋଇଥିଲେ ହେଁ ତାଙ୍କୁ ନିଯୁକ୍ତି ମିଳି ନ ଥିଲା। ଏ ନେଇ ସୀତାରାଣୀଙ୍କ ଅଭିଯୋଗ ବିଭାଗୀୟ କର୍ତ୍ତୃପକ୍ଷ ଶୁଣି ନ ଥିଲେ। ପ୍ରଶାସନର ଏଭଳି ପାତରଅନ୍ତର ନୀତି ଯୋଗୁ ଅନ୍ୟ ଜଣେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଥିଲେ। ଏ ନେଇ ସୀତାରାଣୀ ହତାଶ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୀତାରାଣୀ ଅଙ୍ଗନୱାଡି କେନ୍ଦ୍ରରେ ସବୁଦିନ ଯାଇ କେବଳ ଚୁପଚାପ ବସି ସମୟ ଗଡାଇ ଫେରି ଆସୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ, ଜିଲା ପ୍ରାଶାସନର ଚିଠିକୁ କର୍ତ୍ତୃପକ୍ଷ ଅଣଦେଖା କରି ଚାଲିଛନ୍ତି ବୋଲି ସୀତାରାଣୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବାଧ୍ୟ ହୋଇ ସୀତାରାଣୀ ଚମ୍ପୁଆସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଉପଜିଲାପାଳ ପାରୋଲ ପାଟୁୱାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଝୁମ୍ପୁରା ସିଡିପିଓ ସୁଲତା ନାୟକ ଏ ନେଇ ମତାମତ ଦେବାକୁ ମନା କରିଦେଇଛନ୍ତି।

■ ବାଇକ୍-ବୋଲେରୋ ଧକ୍କା

## ଚାଳକ ମୃତ, ୪ ଗୁରୁତର

ବଡ଼ବିଲ, ୩୦।୧୧(ସ୍ୱ.ପ୍ର.)


ଦୁର୍ଘଟଣାଗ୍ରସ୍ତ ବାଇକ ଓ ବୋଲେରୋ।

ବଡ଼ବିଲ-ନାଲଦା ରାଜ୍ୟ ରାଜପଥର ବେଲକୁଣ୍ଡି ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୩ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଝାଡଖଣ୍ଡ ଗୁଆ ଅଞ୍ଚଳର ଏକବାଲ ସିଂହ। ଗୁରୁତରମାନଙ୍କ ମଧ୍ୟରୁ ନାଲଦା ଅଞ୍ଚଳର ମନୋରଞ୍ଜନ ବିଶ୍ୱାଳ, ବୋଲେରୋ ଡ୍ରାଇଭର ବଡବିଲ ଗୋପବନ୍ଧୁ ସ୍କୁଲ ନିକଟବର୍ତ୍ତୀ ଅଞ୍ଚଳର ରଞ୍ଜୀତ ଦାସ, ବୋଲେରୋରେ ବସିଥିବା ବିଶାଲ ପାତ୍ର ଓ ଦାତିନ ମୁଣ୍ଡା ବଡ଼ବିଲ ସିଏଚସିରେ ଚିକିତ୍ସାଧୀନ ଅଛନ୍ତି। ବଡ଼ବିଲରୁ ଝାଡଖଣ୍ଡ ବଡଜାମଦା ଆଡକୁ ଓଆର୦୯୧୦୯୩ ନମ୍ବର ବିଶିଷ୍ଟ ଏକ ବୋଲେରୋ ଦ୍ରୁତଗତିରେ ଆସି ଅନ୍ୟ ଏକ ଗାଡିକୁ ଓଭରଟେକ କରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଆର୦୨ବିକେ୦୬୮୩ ନମ୍ବର ବିଶିଷ୍ଟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋ ରାସ୍ତା କଡ ଖାଲକୁ ଓଲଟି ପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ବଡ଼ବିଲ ସିଏଚସିକୁ ପଠାଇ ତଦନ୍ତ ଜାରି ରଖିଛି।

■ ଅଧାପନ୍ତରିଆ ପ୍ରଧାନମନ୍ତ୍ରୀ ଆବାସ

## ଅର୍ଥ ହଡ଼ପ କରି ଠିକାଦାର ଫେରାର


ଅଧାପନ୍ତରିଆ ଭାବେ ରହିଥିବା ପ୍ରଧାନମନ୍ତ୍ରୀ ଆବାସ।

ରାଇସୁଆଁ, ୩୦।୧୧(ଡି.ଏନ.ଏ.)

ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ସରକାର ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର କେନ୍ଦୁଝର ଜିଲା ସଦର ଅଞ୍ଚଳରେ ପ୍ରଶାସନିକସ୍ତରରେ ତଦାରଖର ଅବହେଳାରୁ ହିତାଧିକାରୀଙ୍କ ନିରକ୍ଷରତାର ସୁଯୋଗ ନେଇ ଠିକାଦାର ମାଲାମାଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଅଧାପନ୍ତରିଆ ହୋଇ ରହିଛି। ଠିକାଦାରମାନେ ସମସ୍ତ ଅର୍ଥ ନେଇ ଛୁ ମାରିଥିବା ଲୋକେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକର ରାଇସୁଆଁ, ଗୋପୀନାଥପୁର, ବାଉରୀପଦା, ପଳାଶପଙ୍ଗା, ପଦ୍ମପୁର, ଗୋବର୍ଦ୍ଧନ, ନୂଆଗାଁ, ମହାଦେଇଯୋଡା ପଞ୍ଚାୟତରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର କାର୍ଯ୍ୟାଦେଶ ମିଳିଥିଲା। ସମସ୍ତ ଗୃହ କାମ ଠିକାଦାର ନେଇଥିଲା। ଅଧାପନ୍ତରିଆ କାମ କରି ଠିକାଦାର ଫେରାର ହୋଇଯାଇଥିବା ଡିପା ସାହିର ପ୍ରହ୍ଲାଦ ମହାରଣା, ଗୌର ମହାରଣା, ଗୁରା ମହାରଣା କହିଛନ୍ତି। ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ସତ୍ତ୍ୱେ କିପରି ସମସ୍ତ ବିଲ୍ ପାସ ହୋଇ ଯାଇଛି ବୋଲି ସ୍ଥାନୀୟ ଅଞ୍ଚଳର କିଛି ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ସଦର ବିଡିଓ ଆଦିକନ୍ଦ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ମାଙ୍ଗାନିଜ ଚୋରା ଚାଲାଣ

## ଆଇ ଥ୍ରୀ ଏମଏସ, ସାଟେଲାଇଟ ଫେଲ

ବଡବିଲ, ୩୦।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡା ଖଣି ସର୍କଲରୁ ଖଣିଜ ଚୋରା ଚାଲାଣ ବୃଦ୍ଧି ପାଇଛି। ଓଡ଼ିଶାରୁ ଝାଡଖଣ୍ଡ ରାଜ୍ୟକୁ ଚୋରାଚାଲାଣ ହେଉଥିବା ଉଦାହାଣ ଦେଖିବାକୁ ମିଳିଛି। ବଲାଣୀ ଥାନା ଅଞ୍ଚଳର ଏକ ମାଇନ୍ସରୁ ମାଙ୍ଗାନିଜ ଚୋରାଚାଲାଣ ବେଳେ ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଦଶଚକିଆ ଟ୍ରକ୍, ଏକ ବଲେରୋ ଓ ଖଣିଜକୁ ପୋଲିସ ଜବତ କରିଛି। ଚୋରିକୁ ରୋକିବାକୁ ଖଣି ମନ୍ତ୍ରଣାଳୟ ତରଫରୁ ଆଇ ଥ୍ରୀ ଏମଏସ, ଡିଜିଟାଲ ସାଟେଲାଇଟ, ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଜିପିଏସ ଭଳି ଉନ୍ନତ ବ୍ୟବସ୍ଥା ଲାଗୁ କରାଯାଇଥିଲେ ହେଁ ଖଣିଜ ଚୋରାଚାଲାଣ ରୋକାଯାଇପାରୁନି। ଗୁରୁବାର ଭୋରରେ ଏକ ଦଶ ଚକିଆ ଟ୍ରକରେ ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଖବରପାଇ ବଲାଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏକ ବାଇକରେ ଦୁଇ ଜଣ ଫେରାର ହୋଇଯାଇଥିଲା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବାମେବାରୀ ଥାନା ଜଜାଙ୍ଗ ଅଞ୍ଚଳର ସରୋଜ ଚନ୍ଦ୍ର ମହାନ୍ତ ଓ ରୁଗୁଡି ଥାନା ରୋଇଡା ଅଞ୍ଚଳର ହରିଶ ଚନ୍ଦ୍ର ସତନାମୀ। ଦୁଇ କିଙ୍ଗପିନ ମାଫିଆ ଯୋଡା ଆଜାଦ ବସ୍ତିର ଭରତ ଦାସ ଓ ପାଣ୍ଡୁ ଘଟଣାସ୍ଥଳରୁ ଫେରାର ହୋଇଥିବା ପୋଲିସ ସୂଚନା ପାଇଛି। ଗିରଫ ଯୁବକଙ୍କ ବୟାନ ଅନୁଯାୟୀ, ଭରତ ଓ ପାଣ୍ଡୁଙ୍କ ନିର୍ଦ୍ଦେଶରେ ମାଙ୍ଗାନିଜ ଝାଡଖଣ୍ଡକୁ ଚୋରାଚାଲାଣ ହେଉଥିଲା। ଚୋରା କାରବାରର ତଦନ୍ତ ଜାରି ରହିଛି ବୋଲି ବଲାଣୀ ଥାନା ଆଇଆଇସି ବିଜୟ କୁମାର ବିହାରୀ କହିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର,୩୦।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ଖାଲିଆମେଣ୍ଟା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଆଶୋକ କୁମାର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଶାଳପଡା ଶାଖା ପରିଚାଳକ ପାର୍ଥ ସାରଥି ଚକ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରବନ୍ଧକ ନାଥ ନାୟକ, ମାୟାଧର ସାହୁ, ସୋମନାଥ ପାଣି, ଲଡୁକେଶରୀ ଦାସ, ତପନ ସାହୁ, ରାକେସ ମୁର୍ମୁ, ତନୁସ୍ ବାରିକ, ରାଜା ରାମ, ଦିଲୁ ପାତ୍ର, ଜଗବନ୍ଧୁ ପରିଡା, ଶରତ ବିଶ୍ୱାଳ, ରମେଶ ବେଜ ପ୍ରମୁଖ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ଶାଖା ପରିଚାଳକ ରାଉତଙ୍କ ବହୁମୁଖି ପ୍ରତିଭା ତଥା କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶାଖା ପରିଚାଳକ ଦେବୀପ୍ରସାଦ ମହାନ୍ତି, ବିନୋଦ ବିହାରି ଜେନା, କର୍ମଚାରୀ ହରିହର ବେହେର ପ୍ରମୁଖଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ରତ୍ନାକର ବାସ, ସ୍ୱପ୍ନା ଦାସ, ଲିପସା ମହାପାତ୍ର, ବିଭୁ ଲେଙ୍କା, ବିନୋଦ ବିହାରୀ ଜେନା, ପ୍ରଶାନ୍ତ ବଳ, ଜିତେଶ କୁଅଁର, ପ୍ରମୋଦ ସା, ଅମିତୋଶ ମହାପାତ୍ର, ବିଶ୍ୱଜିତ୍ ମହାନ୍ତି, ରମେଶ ବେଜ୍, ମହେଶ୍ୱର ସିଂ, ବିଭୁଦତ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଭାଗବତ ଚର୍ଚ୍ଚା କରିବେ ପଣ୍ଡିତ ଜିତୁ ଦାଶ

ଘସିପୁରା, ୩୦।୧୧

ଘସିପୁରାର ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶ ଗୁଜୁରାଟର ଦ୍ୱାରିକା ଧାମଠାରେ ହେବାକୁ ଥିବା ଭାଗବତ ଚର୍ଚ୍ଚା ପାଇଁ ମନୋନୀତ ହୋଇଛନ୍ତି। ସେଠାକାର ପଣ୍ଡିତ ମଣ୍ଡଳୀଙ୍କ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଛି। ୨୪ରୁ ୧୧ଦିନ ବ୍ୟାପୀ ହେବାକୁ ଥିବା ଭାଗବତ ଚର୍ଚ୍ଚାରେ ପ୍ରବଚନ ପ୍ରଦାନ କରିବେ ବୋଲି ସ୍ଥିର ହୋଇଛି। ପଣ୍ଡିତ ଦାଶଙ୍କ ସହ ଓଡ଼ିଶାର ବହୁ ଭାଗବତ ପ୍ରେମୀ ସେଠାକୁ ଯିବେ ବୋଲି ଜଣାଯାଇଛି। ତାଙ୍କର ଏହି ସଫଳତାକୁ ନେଇ ଆନନ୍ଦପୁର ଉପଖଣ୍ଡ ସମତେ କେନ୍ଦୁଝର ଜିଲାର ଭକ୍ତଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

■ କେନ୍ଦୁଝର ଗସ୍ତରେ ରାଜ୍ୟପାଳ

## ‘ପିଲାଙ୍କ ସହିତ ମିଶିବାକୁ ଭଲ ପାଏ’

କେନ୍ଦୁଝର/ଘଟଗାଁ, ୩୦।୧୧(ସ୍ୱ.ପ୍ର./ଡି.ଏନ.ଏ.)


ଆୟୋଜିତ ସଭାରେ ରାଜ୍ୟପାଳ ମତବ୍ୟକ୍ତ କରୁଛନ୍ତି।

ପିଲାଙ୍କ ସହିତ ମିଶିବାକୁ ଭଲ ପାଏ। ତେଣୁ ବିଭିନ୍ନ କଲେଜ, ବିଶ୍ୱ ବିଦ୍ୟାଳୟ ଓ ସ୍କୁଲ ଆଦି ଗସ୍ତ କରି ପିଲାଙ୍କ ସହ ଆଲୋଚନା କରିଥାଏ ବୋଲି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ୨ ଦିନିଆ କେନ୍ଦୁଝର ଜିଲା ଗସ୍ତ ଆସି ଶୁକ୍ରବାର ସକାଳେ ଆୟୋଜିତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଠାରେ ଏକ ସଭାରେ ପହଞ୍ଚି ଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିଆରେ ରାଜ୍ୟପାଳ ଏହି କଥା କହିଥିଲେ। ସମ୍ପ୍ରତି ମଣିଷ ଅହଂକୈନ୍ଦ୍ରିକ ହୋଇଯାଉଛି। ଏହା ମଣିଷର ଅଗ୍ରଗତିର ପ୍ରମୁଖ ଅନ୍ତରାୟ। ଅହଂକୈନ୍ଦ୍ରିକତାରୁ ମୁକ୍ତ ହୋଇ ବ୍ରହ୍ମାଣ୍ଡକୈନ୍ଦ୍ରିକ ହେବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ରାଜ୍ୟପାଳଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ରମ ପୂର୍ବରୁ ଗୌତମ ବୁଦ୍ଧ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୁର ଶାସ୍ତ୍ରୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଡ. କେଶବ ବଳିରାମ ହେଡ୍‌ଗେୱାର ଏବଂ ମାଧବ ସଦାଶିବ ଗଲୱାଲକରଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟପାଳ ମାଲ୍ୟାର୍ପଣ କରିଥିଲେ। ଗୁରୁବାର ସନ୍ଧ୍ୟାରେ ରାଜ୍ୟପାଳ ଘଟଗାଁ ବ୍ଲକ ତରା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଏବଂ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ନଗରଭବନଠାରେ ପୂର୍ବୋତର କ୍ଷେତ୍ରୀୟ ବେଦ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ବୋଧନ ମଧ୍ୟ ଦେଇଥିଲେ। ଏଥିସହ ଘଟଗାଁ ମା’ ତାରିଣୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା।

■ ‘ହୋ ଭାଷାକୁ ଦିଅ ସାମ୍ବିଧାନିକ ମାନ୍ୟତା’

## ଦିଲ୍ଲୀ ଗଲେ ପ୍ରତିନିଧି ଦଳ



ହୋ ଭାଷାଭାଷୀ ସମ୍ପ୍ରଦାୟର ଲୋକେ।

ଯୋଡ଼ା, ୩୦।୧୧(ଡି.ଏନ.ଏ.)

ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ ସାମ୍ବିଧାନିକ ମାନ୍ୟତା ଦାବିରେ ଯୋଡ଼ାରୁ ଆଦିବାସୀ ନେତାମାନେ ଶୁକ୍ରବାର ଦିଲୀ ଗସ୍ତ କରିଛନ୍ତି। ଏ ସମ୍ପର୍କରେ ବିଲେଇପଦାର ହୋ ସେୟାଁ ମାସ୍କାଲ ଆକାଳାର ସାଧାରଣ ସମ୍ପାଦକ କ୍ରିଷ୍ଣା ଗାଗରାଇ କହିଛନ୍ତି ଯେ, ୩ ତାରିଖରେ ଦାବିକୁ ଜୋରଦାର କରିବା ପାଇଁ ସାରା ଭାରତ ବର୍ଷରୁ ହୋ ଭାଷାଭାଷୀ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଏକ ସମାବେଶରେ ଯୋଗ ଦେବେ। ଯୋଡ଼ା ବ୍ଲକରୁ ବହୁ ଆଦିବାସୀ ନେତା ଏବଂ ହୋ ଭାଷାଭାଷୀ ସମ୍ପ୍ରଦାୟର ଲୋକେ ଦିଲୀ ଗସ୍ତ କରିଛନ୍ତି। ଅନ୍ୟପଟେ ଦିଲୀର ଯନ୍ତରମନ୍ତରଠାରେ ଏକ ବିଶାଳ ସମାବେଶରେ ଗଣଧାରଣାରେ ବସିବାର ନିଷ୍ପତ୍ତି ନିଆଯାଇଥିବା ଆଦିବାସୀ ନେତା ମଙ୍ଗଳ ମୁଣ୍ଡା ସୂଚନା ଦେଇଛନ୍ତି।

## ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ

ତେଲକୋଇ, ୩୦।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ କରମଙ୍ଗୀ ପଞ୍ଚାୟତ ଅଧୀନ ସିନ୍ଦୁରିଆ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ହୋଇଥିବା ଶିକ୍ଷା କମିଟି ପକ୍ଷରୁ ଅଭିଯୋଗ କରିଛି। ଏ ନେଇ ଗୁରୁବାର ଶିକ୍ଷା କମିଟି ପକ୍ଷରୁ ଜିଲା ଆଦିବାସୀ କଲ୍ୟାଣ ବିଭାଗ ଅଧିକାରୀଙ୍କୁ ତଦନ୍ତ ପାଇଁ ଦାବି କରିଛନ୍ତି। ଶିକ୍ଷା କମିଟିର ଅଭିଯୋଗ ଅନୁଯାୟୀ, ସିନ୍ଦୁରିଆ ସେବାଶ୍ରମରେ ପ୍ରଥମ ଶ୍ରେଣୀରୁ ୮ମ ପର୍ଯ୍ୟନ୍ତ ୨୧୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୬ଷ୍ଠ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଚାଉଳ ଆସିଥାଏ। ପ୍ରଧାନ ଶିକ୍ଷକ ଆଦିବାସୀ କଲ୍ୟାଣ ବିଭାଗରୁ ଆସୁଥିବା ଚାଉଳକୁ ମଧ୍ୟାହ୍ନ ଭୋଜନରେ ବ୍ୟବହାର କରିଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳକୁ ହଡପ କରାଯାଇଥିବା ଅଭିଯୋଗ ଦର୍ଶାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତଙ୍କୁ ପଚାରିବାରୁ କିଛି ଶିକ୍ଷା କମିଟିର ମେମ୍ବର ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ କରିଥିବା ସେ କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଗୋଲାପ ପଧାନଙ୍କୁ ପଚାରିବାରୁ ଶିକ୍ଷା କମିଟିର ଅଭିଯୋଗକୁ ନେଇ ଜଣେ ସିଆରସିସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି।

## ରାସ୍ତା ସଫେଇ ନାଁରେ ଗଛ ପୋଡ଼ି

କେନ୍ଦୁଝର, ୩୦।୧୧ (ସ୍ୱ.ପ୍ର.)

ରାସ୍ତା ସଫେଇ ନାଁରେ ବହୁ ସଂଖ୍ୟାରେ ଗଛ କଟା ଓ ପୋଡି ଦିଆଯାଉଛି। ଜିଲା ମୁଖ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏ ନେଇ ଖୋଦ ପ୍ରଶାସନ ଚୁପ ହୋଇ ବସିଛି। ରାସ୍ତା ସଫେଇ ନାମରେ ଜେଲ ରୋଡରେ ଅନାବନା ଗଛ ଓ ବୁଦା କଟାଯାଇଛି। ସେସବୁ କଟା ଗଛକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରା ନ ଯାଇ ସେହି ସ୍ଥାନରେ ପୋଡି ଦିଆଯାଉଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସହ ଏହି ନିଆଁରେ ବଡ ଗଛ ପୋଡି ହୋଇଯାଇଛି। ବହୁ ସଂଖ୍ୟାରେ ଗଛ ପୋଡି ଯାଇଥିବାରୁ ଏ ନେଇ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରହଶନରେ ପରିଣତ ହୋଇଛି।


ପୋଡ଼ି ହୋଇଯାଇଥିବା ଗଛ।

## ହାର ମାନିନାହାନ୍ତି ଏଚ୍‌ଆଇଭି ପୀଡ଼ିତା

କେନ୍ଦୁଝର, ୩୦।୧୧(ସ୍ୱ.ପ୍ର.)

ଜୀବନ ଯୁଦ୍ଧରେ ହାରି ନାହାନ୍ତି ଜଣେ ଏଚ୍‌ଆଇଭି ପୀଡ଼ିତା। ଅନେକ ଦୁଃଖ ମଧ୍ୟରେ ସେ ବଞ୍ଚିବା ଶିଖିଛନ୍ତି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ମୁଣ୍ଡାଟାଙ୍ଗର ଗ୍ରାମ। ସେହି ବଣଜଙ୍ଗଲ ଘେର ଗ୍ରାମରେ ୭୨ ମୁଣ୍ଡା ଓ ମହାନ୍ତ ପରିବାର ବସବାସ କରୁଛନ୍ତି। ଉକ୍ତ ଗ୍ରାମର ୩ ଝିଅଙ୍କୁ ନେଇ ଜଣେ ଦମ୍ପତି ରହୁଥିଲେ। ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀଙ୍କ ବାରମ୍ବାର ଦେହ ଖରାପ ହେବାରୁ ଚିକିତ୍ସା କରିବା ସମୟରେ ତାଙ୍କ ରକ୍ତରେ ଏଚ୍‌ଆଇଭି ଜୀବାଣୁ ଥିବା ଜାଣାପଡ଼ିଲା। ରକ୍ତ ପରୀକ୍ଷା ପରେ ବଡ ଝିଅ ବ୍ୟତୀତ ତାଙ୍କ ସ୍ତ୍ରୀ ଓ ୨ ସାନ ଝିଅଙ୍କ ରକ୍ତରେ ଏଚ୍‌ଆଇଭି ଜୀବାଣୁ ଥିବା ଜଣାପଡିଥିଲା। ୨୦୦୪ରେ ସ୍ୱାମୀଙ୍କ ପରଲୋକ ପରେ ଉକ୍ତ ଗ୍ରାମରେ ହଇଚଇ ସୃଷ୍ଟି ହୋଇଥିଲା। ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବଜ୍ର ପଡ଼ିଥିଲା। କିପରି ଚଳିବେ ଓ ୩ ଛୁଆଙ୍କୁ କିପରି ଚଳାଇବେ ସେ ନେଇ ପୀଡ଼ିତା ଜଣଙ୍କ ଦୁଃଖରେ ରହୁଥିଲେ। ଗ୍ରାମରେ ସେମାନଙ୍କ ପରିବାରକୁ ବାସନ୍ଦ କରିବାକୁ ଧମକ ତାଙ୍କୁ ଅଧିକ ଚିନ୍ତାଗ୍ରସ୍ତ କରିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ଏବଂ ଜନ ସଚେତନତା କାରଣରୁ ଗ୍ରାମବାସୀ ସହଯୋଗ କରିବାରୁ ପୀଡ଼ିତା ଜଣଙ୍କୁ ଆଶ୍ୱାସନା ମିଳିଥିଲା।

ଏଚଆଇଭି ଆକ୍ରାନ୍ତ ୨ ସାନ ଝିଅ ଓ ସୁସ୍ଥ ଥିବା ବଡ ଝିଅର ଭବିଷ୍ୟତକୁ ନେଇ ସେ ଚିନ୍ତାରେ ରହୁଥିଲେ। ବିଭିନ୍ନ ସଙ୍ଗଠନ ଓ ସରକାରୀ ସଂସ୍ଥା ସହାୟତାରେ ସେମାନେ ଚିକିତ୍ସିତ ହେବା ସହ ଭଲରେ ଚଳିଆସୁଛନ୍ତି। ଏଭଳି ପରିସ୍ଥିତିରେ ପୀଡିତା ଜଣଙ୍କ ହାର ମାନି ନ ଥିଲେ। ୩ ଝିଅଙ୍କୁ ଲାଳନ ପାଳନ କରି ପାଠ ପଢାଇ ବଡ କରିଥିଲେ। ସୁସ୍ଥ ଥିବା ବଡ ଝିଅଙ୍କୁ ବିବାହ ଦେଇଥିବା ବେଳେ ଖୁସିରେ ପରିବାରର ସହ ରହୁଛନ୍ତି। ଜଣେ ସାନ ଝିଅ ଯୁକ୍ତ ୨ ପାସ କରି ସିଲାଇ ମେସିନ ପକାଇ ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଓସ୍କା-ପ୍ଲାନ ସ୍ୱେଚ୍ଛାସେବୀ ସଙ୍ଗଠନର ସହାୟତାରେ ପଞ୍ଚାୟତରୁ ଓ ବ୍ଲକରୁ ପେନସନ ମିଳୁଛି। ସେମାନେ ସିଲାଇ କାମ ଶିଖି ରୋଜଗାର କ୍ଷମ ହେବା ପାଇଁ ଓସ୍କା-ପ୍ଲାନ ସଙ୍ଗଠନର ସହାୟତା ଲୋଡିଛନ୍ତି। ପୁରୁଣା କଥା ଓ ବ୍ୟଥାକୁ ଭୁଲି କିପରି ଚଳିବେ ଏବଂ ନିଜକୁ ସମାଜରେ ପ୍ରତିଷ୍ଠିତ କରିପାରିବେ ସେ ନେଇ ପୀଡିତାଙ୍କ ପରିବାର ଉଦ୍ୟମ ଚଳାଇଛନ୍ତି। ଯାହାକି ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି।

## ଅବଧି ଶେଷ, ସରୁନି କାମ

କେନ୍ଦୁଝର, ୩୦।୧୧(ସ୍ୱ.ପ୍ର.)

ସଦର ବ୍ଲକ ଶଙ୍କିରୀ ପଞ୍ଚାୟତର ଜଡିପଦା ବାଲିଦାଣ୍ଡ ସାହିରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସାପ୍ତାହିକ ହାଟ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଛି। ମାର୍କେଟ ନିର୍ମାଣ ହେଲେ ସ୍ଥାନୀୟ ଶିକ୍ଷିତ ଲୋକ ଦୋକାନ କରି ରୋଜଗାରକ୍ଷମ ହେବେ ବୋଲି ଆଶା ରଖିଛନ୍ତି। ୨୦୧୬ରେ ଶେଷ ହେବା କଥା। ପାଖାପାଖି ୨ ବର୍ଷ ପୁରି ଯାଇଥିଲେ ହେଁ ନିର୍ମାଣ କାମ ସରୁ ନ ଥିବାରୁ ଅସନ୍ତୋଷ ବଢୁଛି। ଉପଯୁକ୍ତ ତଦାରଖ ଅଭାବରୁ କାମ ଠିକ ମାନର ହେଉନାହିଁ। କାମ ଠିକ ସମୟରେ ସରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ସଂକ୍ଷେପରେ

### ପ୍ରଶିକ୍ଷଣ ବଢ଼ାଇବ ଦକ୍ଷତା

ବାସୁଦେବପୁର, ୩୦।୧୧ (ଡି.ଏନ.ଏ.): ସରକାରୀ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ସଚେତନ କରିବା ପ୍ରୟାସ ଜାରି ରହିଛି। ଶୁକ୍ରବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନଫରେନ୍ସ ହଲ୍ ପରିସରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବ୍ଲକସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ, ଜଳସେଚନ, ପ୍ରାଣୀସମ୍ପଦ, କୃଷି, ଉଦ୍ୟାନ କୃଷି, ଭୂନିବନ୍ଧକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବଢ଼ିବା ସହ ଯୋଜନାର ରୂପାୟନ ସଫଳ ହେବ ବୋଲି ମତ ପ୍ରକାଶ ପାଇଥିଲା। ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଯୋଜନା ବିନିଯୋଗ ସମ୍ପର୍କରେ ମତ ରଖିଥିଲେ। ତହସିଲ ଓ ବ୍ଲକ ପ୍ରଶାସନ ସହଯୋଗରେ ଆୟୋଜିତ ଶିବିରରେ ତହସିଲଦାର ପ୍ରକାଶ ଚନ୍ଦ୍ର ରାଉଳ, ବିଡିଓ ବୀରକିଶୋର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସବରେଜିଷ୍ଟ୍ରାର କରୁଣାକର ଦିନ୍ଦା ପ୍ରମୁଖ ମଞ୍ଚାସୀନ ରହି ଦିଗ୍‌ଦର୍ଶନ ଦେଇଥିଲେ। ଜିଲା ସଂଯୋଜକ କ୍ଷୀତିଶ ଯୁଗଧର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଭିଲ ଜଜ କୋର୍ଟ ଗୃହ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ

ତେଲକୋଇ, ୩୦।୧୧(ଡି.ଏନ.ଏ.): ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଗତ ୩ବର୍ଷ ହେବ ସିଭିଲ ଜଜ କୋର୍ଟ (କୋର୍ଟ ଅଫ ସିଭିଲ ଜୁନିୟର କମ ଜେଏମଏଫସି) ଗୃହ କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ବ୍ଲକ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ଗୃହଠାରେ ଅସ୍ଥାୟୀ ଭାବେ କାର୍ଯ୍ୟ କରାଯିବାର ଯୋଜନା କରାଯାଉଥିଲା। ଏ ନେଇ ୨୦୧୭ରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଗୃହକୁ କୋର୍ଟ ପାଇଁ ପ୍ରସ୍ତୁତ କରାଯାଇଛି। ଅଦ୍ୟାବଧି ଉକ୍ତ ଗୃହ ଭଗ୍ନ ଅବସ୍ଥାରେ ରହିଛି। ତେଲକୋଇ ଅଞ୍ଚଳର ସଚେତନ ନାଗରିକ ଜିଲାପାଳଙ୍କଠାରେ ସିଭିଲ ଜଜ କୋର୍ଟ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲା ଜଜଙ୍କ ସହ ଏକ ଟିମ ଆସି ସ୍ଥାନୀୟ ତହସିଲଦାରଙ୍କୁ ନେଇ କୋର୍ଟ ପାଇଁ ଆବଶ୍ୟକ ଜମି ୩ ଏକରରୁ ଊର୍ଦ୍ଧ୍ୱ ତେଲକୋଇ ପଞ୍ଚାୟତର ୨ଟି ସ୍ଥାନ ଚୟନ କରାଯାଇଛି। ଆଇନଜୀବୀ ନାରାୟଣ ପ୍ରଧାନ, ପୂର୍ବତନ ଜିଲା ପରିଷଦ ବିଦ୍ୟାଧର ରାଉଳ, ମହେନ୍ଦ୍ର ନାଏକ, ରଞ୍ଜନ ପ୍ରଧାନ, କୈଳାସ ପ୍ରଧାନ, ଆଇନଜୀବୀ ଅନିଲ ପ୍ରଧାନ, ଦିବ୍ୟସୁନ୍ଦର ପ୍ରଧାନ, ସତ୍ୟାନନ୍ଦ ମହାନ୍ତ, ଅକ୍ଷୟ ବେହେରା ପ୍ରମୁଖ ଗୃହ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଛନ୍ତି। ତହସିଲଦାର ଅଶ୍ୱିନୀ ନାୟକଙ୍କୁ ପଚାରିବାରୁ ୨ଟି ସ୍ଥାନରେ ୨ ଏକରରୁ ଊର୍ଦ୍ଧ୍ୱ ଜମି ଚିହ୍ନଟ କରାଯାଇଛି। ପ୍ରଶାସନ ଉକ୍ତ ୨ଟି ସ୍ଥାନରୁ ଗୋଟିଏରେ ସିଭିଲ ଜଜ କୋର୍ଟ ନିର୍ମାଣ ଯୋଜନା କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ କୋର୍ଟ ହେବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ବିଡିଓ ଦିଲ୍ଲିପ କୁମାର ବାରାଙ୍କୁ ପଚାରିବାରୁ ବ୍ଲକ ପରିସରରେ ଉକ୍ତ ରାଜୀବ ସେବା କେନ୍ଦ୍ର ଗୃହକୁ କୋର୍ଟ ପାଇଁ ଦିଆଯାଇଥିଲା। ଜିଲା ଜଜ ଓ ତହସିଲ ପକ୍ଷରୁ କୋର୍ଟ ପାଇଁ ଜମି ଚିହ୍ନଟ କରିଛନ୍ତି। ପ୍ରଶାସନ ଯୋଜନା ଅନୁଯାୟୀ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

# ଲୁହଭିଜା ନିଆଁର ଛବି 'ସମାରୀ'

ଭଦ୍ରକ ଅଫିସ,୩୦।୧୧

**ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



ନାଟକ 'ପାର୍ଲିଁ'ର ଏକ ଦୃଶ୍ୟରେ କଳାକାର।

- ■'ପାର୍ଲିଁ'ଦେଲା ନିର୍ଯାତନାକୁ ଭିନ୍ନ ପରିଭାଷା
- ■ଦର୍ଶକ ଅପଲକ, ସମ୍ମୋହିତ

ଆଦିବାସୀ ଝିଅ ସମାରୀ। ଶୋଷଣ ଓ ନିର୍ଯାତନାର ଏକ କରୁଣ ଛବି। ସେ ଲଢ଼ିଛି ଜୀବନ ଓ ସ୍ୱାଭିମାନ ପାଇଁ। ଲୁହ ନେସା ଆଖିରେ ଜଳିଛି ପ୍ରତିଶୋଧର ନିଆଁ। ଯେଉଁ ନିଆଁ ଶୋଷଣକାରୀଙ୍କୁ ଦେଇଛି ଶାସ୍ତି। ଅବହେଳିତ ବଣପାହାଡ ମୁଲକର ସରଳ, ନିରୀହ ଝିଅ ସମାରୀଙ୍କ ଜୀବନ କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ପାର୍ଲିଁ'। ଶେଷ ଯାଏ ଦର୍ଶକଙ୍କୁ ବାନ୍ଧି ରଖିଛି। କାହାରି ପଡିନି ଆଖିପତା।

ଶୁକ୍ରବାର ଭଦ୍ରକ ଟାଉନ ହଲ ପରିସରରେ ଚାଲିଥିବା 'ନାଟକ ମହୋତ୍ସବ'ର ୨ୟ ସନ୍ଧ୍ୟାକୁ ଅଧିକ ରୋଚକ କରିଥିଲା 'ପାର୍ଲିଁ'। ସମ୍ବଲପୁରୀ ସଂସ୍କୃତି ଓ ଜୀବନଧାରା ଉପରେ ଆଧାରିତ ଏହି ନାଟକ ପରିବେଷଣ କରିଥିଲେ ଭୁବନେଶ୍ୱରର 'ଆମେ ସୃଷ୍ଟି' ନାଟ୍ୟ ଅନୁଷ୍ଠାନର କଳାକାରମାନେ। ମୁଖ୍ୟ ସମାରୀ ନାରୀ ଚରିତ୍ରରେ ଭାବପୂର୍ଣ୍ଣ, ବଳିଷ୍ଠ ଅଭିନୟ କରିଥିଲେ ଚର୍ଚ୍ଚିତ ସିରିୟଲ କଳାକାର ମନିଷା ରଥ। ୧୨ ଚରିତ୍ରଙ୍କୁ ନେଇ ଲମ୍ବିଥିଲା ନାଟକର କାହାଣୀ। ବିଭିନ୍ନ ଭୂମିକାରେ ସିରିୟଲ ଅଭିନେତ୍ରୀ ମୋନିକା ସାହୁ, ଲକ୍ଷ୍ମୀପ୍ରିୟା ସେନାପତି, ନନ୍ଦନ, ବିଶ୍ୱ, ବିନୁ, ରାଜା, ପାର୍ଥ, ରମିତ, ରାଜେନ୍ଦ୍ର, ସୁବାସ ଓ ପିନୁ ଅଭିନୟ କରିଥିଲେ। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଏହି ନାଟକରେ ନିର୍ଦ୍ଦେଶନା ଦେଇଥିଲେ ଲାଲା ବୀରେନ ରାୟ। ଶକ୍ତି ମିଶ୍ର ଦେଇଥିଲେ ସଙ୍ଗୀତ ନିର୍ଦ୍ଦେଶନା। ଏହି ନାଟ୍ୟସନ୍ଧ୍ୟାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର ସଭାପତିତ୍ୱ କରିଥିଲେ। ନାଟ୍ୟକାର ଅଟଳ ବିହାରୀ ନାୟକ, ନାଟ୍ୟ ଗବେଷକ ଡ. କ୍ଷୀରୋଦ କୁମାର ସାମଲ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, କବି ପ୍ରମୋଦ ରାୟ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଆମେ ସୃଷ୍ଟି' ନାଟ୍ୟସଂସ୍ଥାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭେନ୍ଦୁ ଲେଙ୍କା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କେତ, ସମତାର ସ୍ୱର ସବୁଜ, ସଞ୍ଚାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଥବବା ୩ ଦିନିଆ ନାଟକ ମହୋତ୍ସବ ଶନିବାର ସରିବ। ପ୍ରଥମ ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କ ପ୍ରତି ପଥଚାରୀଙ୍କ ମାନସିକତାକୁ ତୀର୍ଯ୍ୟକ ଆକ୍ଷେପ କରି ମଞ୍ଚସ୍ଥ ହୋଇଥିଲା ନାଟକ 'ବେକାର ଝାମେଲା'। ସମୟୋପଯୋଗୀ କାହାଣୀକୁ ନେଇ ନାଟ୍ୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ନାଟ୍ୟସଂସ୍ଥାର ଏଭଳି ପ୍ରୟାସକୁ ମିଳିଥିଲା ଦର୍ଶକଙ୍କ ଭରପୁର ସମର୍ଥନ। କରତାଳିରେ ଉଚ୍ଛୁଳି ପଡ଼ିଥିଲା ନାଟ୍ୟ ମଞ୍ଚ।

# ବାସୁଦେବପୁର ସହର ପାଇଁ ମାଷ୍ଟରପ୍ଲାନ

ବାସୁଦେବପୁର, ୩୦।୧୧ (ଡି.ଏନ.ଏ.)

- ■ମତ ବିନିମୟ କର୍ମଶାଳା
- ■ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ
- ■ପରାମର୍ଶଦାତା ନିଯୁକ୍ତ

ଭଦ୍ରକ ଜିଲା ବାସୁଦେବପୁର ସହରାଞ୍ଚଳକୁ ଯୋଜନାବଦ୍ଧ ସହର ରୂପ ଦେବା ନିମନ୍ତେ ହେବ ମାଷ୍ଟର ପ୍ଲାନ। ଶୁକ୍ରବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଏନେଇ ଟାଉନପ୍ଲାନିଂ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ପ୍ରସ୍ତୁତି ନିମନ୍ତେ ମତ ବିନିମୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳରେ ଭିତ୍ତିଭୂମି ବିକାଶ ଲାଗି ଭୂମି ଅଧିଗ୍ରହଣ, ଗୃହ ନିର୍ମାଣ, ଜଳ ନିଷ୍କାସନ, ଶିଳ୍ପାଞ୍ଚଳ, ସହର ତଳି ଅଞ୍ଚଳରେ ଉନ୍ନୟନ, ଟ୍ରାଫିକ ନିୟନ୍ତ୍ରଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଅବସର ବିନୋଦନ କେନ୍ଦ୍ର ନିର୍ମାଣ, ବୃକ୍ଷରୋପଣ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କଲ୍ୟାଣ ମଣ୍ଡପ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ କିଭଳି ଗୁରୁତ୍ୱ ଦିଆଯିବ ସେନେଇ ବିଭିନ୍ନ ଲୋକଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସହରକୁ କିପରି ଶ୍ରେଷ୍ଠ ସହରରେ ପରିଣତ କରାଯାଇ ପାରିବ ତାହାର ବିଭିନ୍ନ ବୈଷୟିକ ଦିଗ ନେଇ ମତ ବିନିମୟ କରାଯାଇଥିଲା। ଉଲ୍ଲେଖନୀୟ ଯେ, ୧୯୯୯ ମସିହାରେ ଏଠାରେ ୨୧ଟି ରାଜସ୍ୱ ଗ୍ରାମର ୪୭.୩୪ ବର୍ଗ କି.ମି. ଅଞ୍ଚଳକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଥିଲା। ୨୦୧୧ ଜନଗଣନା ଆଧାରରେ ଏହି ଅଞ୍ଚଳର ଲୋକସଂଖ୍ୟା ୩୩, ୬୯୦ ହୋଇଥିଲା। ଏହାକୁ ବୃତ୍ତାନ୍ତ ରୂପ ଦେବା ନିମନ୍ତେ ୨୧.୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାଷ୍ଟରପ୍ଲାନ ପ୍ରସ୍ତୁତି ଲାଗି ବାଙ୍ଗାଲୋରର ସ୍ୱାଏ ଗ୍ରୁପ୍‌କୁ ପରାମର୍ଶଦାତା ସଂସ୍ଥା ଭାବେ ନିଯୁକ୍ତି ଦିଆଯାଇଛି ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା। ଟାଉନ ପ୍ଲାନିଂ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଓ ପୌରନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ସହରାଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷ ଓ ନାଗରିକ ଯୋଗ ଦେଇଥିଲେ।

## ରାତି ଅଧରେ ଚଢ଼ାଉ: ୩ ପେଟି ଦେଶୀମଦ ଜବତ

ପଦ୍ମପୁର, ୩୦।୧୧ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ବାବାଜୀ ବେହେରାଙ୍କ ଘରୁ ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରି ୩ ପେଟି ଦେଶୀମଦ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୪୬/୧୮) ରୁଜୁ ହୋଇଛି। ଅଭିଯୁକ୍ତ ବାବାଜୀ ଫେରାର ଥିବା ପୋଲିସ କହିଛି।

# ଅବହେଳା ନେଇ ଚିନ୍ତା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ।

ଭଦ୍ରକ ଅଫିସ, ୩୦।୧୧

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ବ୍ୟବସ୍ଥା, ଡ୍ରେନେଜ, ପରିମଳ, କ୍ରୀଡ଼ା କ୍ଷେତ୍ରରେ ଭଦ୍ରକ ବିଧାନସଭା କ୍ଷେତ୍ର ବହୁ ପଛରେ ପଡିଛି। ଭଦ୍ରକ କଲେଜରେ ଅଧକ୍ଷ ଓ ଆବଶ୍ୟକ ଅଧ୍ୟାପକ ନାହାନ୍ତି। ଜିଲାରେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ନିର୍ମାଣ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ନ ହୋଇ ଫେରି ଯାଇଛି। ଜେଲ କୋଠା ନିର୍ମାଣ ପାଇଁ ପ୍ରଶାସନ ଜମି ଯୋଗାଡ଼ କରି ପାରୁନି। ଜିଲାରେ ଏଭଳି ବିଭିନ୍ନ ଆଞ୍ଚଳିକ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚରମ୍ପା ଅଞ୍ଚଳର ବିଜେଡି ଯୁବନେତା ଅଶୋକ ମହାନ୍ତି କହିଛନ୍ତି। ବରିଷ୍ଠ ବିଜେଡି ନେତା ରତ୍ନାକର ପ୍ରଧାନ, ବାବାଜୀ ସାମଲ, ରମେଶ ପଲାଇ, ରବିନାରାୟଣ ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳର କର୍ମୀମାନେ ବେଶ୍ ତତ୍ପର ହୋଇଉଠିଛନ୍ତି। ଏହି ପରିପ୍ରେକ୍ଷୀରେ ଅନେକ ଆଶାୟୀ ପ୍ରାର୍ଥୀ ସଂଗଠନ ସଜାଡ଼ିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଯୁବନେତା ଅଶୋକ ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ପୁଅ। ସେ ବାପାଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ସାଙ୍ଗଠନିକ କାର୍ଯ୍ୟରେ ଲାଗିପଡ଼ିଥିବାରୁ ଏହା ରାଜନୈତିକ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

## ୯ରୁ ଆରମ୍ଭ ଜିଲା ମହୋତ୍ସବ

ଭଦ୍ରକ ଅଫିସ, ୩୦।୧୧

ଭଦ୍ରକରେ ଜିଲା ମହୋତ୍ସବ 'ଭଦ୍ରାୟନୀ', ଜିଲା ଲୋକକଳା ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ଡିସେମ୍ବର ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରମା ଭୂୟାଁଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାରେ ମୋଟ ୨୨୦ ଷ୍ଟଲ ଖୋଲିବ। ସେଥିମଧ୍ୟରେ ଜିଲାର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ହସ୍ତତନ୍ତ କାରିଗରଙ୍କ ଉତ୍ପାଦିତ ସାମଗ୍ରୀ ସମେତ ଜିଲା ବାହାରର ଉତ୍ପାଦିତ ସାମଗ୍ରୀ ଓ ଖାଦ୍ୟ ଷ୍ଟଲ ସ୍ଥାନ ପାଇବ। ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଡାକ୍ତରଖାନାରେ କାୟାକଳ୍ପ ଆକଳନ ଟିମ୍



କାୟାକଳ୍ପ ଆକଳନ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବାସୁଦେବପୁର, ୩୦।୧୧ (ଡି.ଏନ.ଏ.)

ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା କାୟାକଳ୍ପ ଆକଳନ ଟିମ୍ ଶୁକ୍ରବାର ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କ୍ଷେତ୍ରୀୟ ଅନୁଧ୍ୟାନ କରିଛି। ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଏସ୍.ପି ପାଢ଼ୀଙ୍କ ନେତୃତ୍ୱରେ ଏହି ଟିମ୍‌ରେ ମୃତ୍ୟୁଞ୍ଜୟ ରଥ, ଦେବବ୍ରତା ପାଢୀ ପ୍ରମୁଖ ପହଞ୍ଚି ପ୍ରଥମେ ବାସୁଦେବପୁର ଡାକ୍ତରଖାନା କାର୍ଯ୍ୟାଳୟରେ କାଗଜପତ୍ର ତନଖି କରିଥିଲେ। ପରେ ଏହି ଟିମ୍ ଡାକ୍ତରଖାନାର ବାହ୍ୟ ଓ ଆଭ୍ୟନ୍ତରୀଣ ପରିବେଶ ଅନୁଧ୍ୟାନ କରିଥିଲେ। ଏଥିସହିତ ଡାକ୍ତରଖାନାର ସହାୟତା କେନ୍ଦ୍ର, ଏକ୍ସରେ କେନ୍ଦ୍ର, ଇନ୍‌ଡୋର ଓ ଆଉଟଡୋର ରୁମ, ଅପରେସନ ଥିଏଟର, ଡ୍ରେସିଂରୁମ, ଔଷଧ ବିତରଣ କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ, ପୁରୁଷ ଓ ମହିଳା ୱାର୍ଡ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଏହି ଟିମ୍ ଡାକ୍ତରଖାନାର କର୍ମଚାରୀ ଓ ରୋଗୀଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ଭଜହରି ସାହୁ, ବିପିଏମ୍ ପ୍ରମୋଦ କୁମାର ଭୂୟାଁଙ୍କ ସମେତ ଡାକ୍ତରଖାନା କର୍ମଚାରୀମାନେ କାୟାକଳ୍ପ ଆକଳନ ଟିମ୍‌କୁ ସହଯୋଗ କରିବା ସହ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଦିନତମାମ ଏହି ଟିମ୍ ଡାକ୍ତରଖାନାରେ ରହି ଅନୁଧ୍ୟାନ କରିବା ପରେ ଅପରାହ୍ନ ୫ଟାରେ ଫେରିଥିଲେ।

# ଠକେଇର ଶିକାର ଖାଉଟି

## ସଚେତନ ହେଲେ ସୁଧୁରିବ ସ୍ଥିତି

ଭଦ୍ରକ ଅଫିସ, ୩୦।୧୧

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟିମାନେ ସଚେତନ ହେଲେ ଅଧିକାଂଶ କ୍ଷେତ୍ରରେ ହେଉଥିବା ଠକେଇ ନିୟନ୍ତ୍ରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓଜନ ଓ ମାପ ବିଭାଗ ସହକାରୀ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ଜିଲା ଖାଉଟି ସୁରକ୍ଷା ମଞ୍ଚ ସଭାପତି ରଘୁନାଥ କର, ଅବସରପ୍ରାପ୍ତ ଅନୁଶାସନ ସଚିବ ଶରତ କୁମାର ନାୟକ, ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସଦସ୍ୟ ବସନ୍ତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଖାଉଟିମାନେ କିଭଳି ବିଭିନ୍ନ କ୍ଷେତ୍ରରେ ଠକେଇର ଶିକାର ହେଉଛନ୍ତି ଓ ଏନେଇ ଖାଉଟିମାନେ କିପରି ସଚେତନ ହୋଇପାରିବେ ସେ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ସେମାନେ ଆଲୋକପାତ କରିଥିଲେ। ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସମ୍ପାଦିକା ବନିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ମହିଳା ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଖାଉଟି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ସୁନୀତା, ଈପ୍‌ସିତା, ଶର୍ମିଷ୍ଠା, କରନଙ୍କ କମାଲ



କୃତୀ ପ୍ରତିଯୋଗୀଙ୍କ ସହ ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷା।

ଭଦ୍ରକ ଅଫିସ, ୩୦।୧୧

ଭଦ୍ରକ ଜିଲା ଧାମରା ପୋର୍ଟ ଆନୁକୂଲ୍ୟରେ ସ୍ଥାପିତ କୁଆଁମରା ଆଦାନୀ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଦାନୀ ଫାଉଣ୍ଡେଶନର ସିଏସ୍ଆର୍ ମୁଖ୍ୟ ସୁଭାଷ ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରାୟ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମାନସିକ ବିକାଶର ମାଧ୍ୟମ ବୋଲି ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବାଳକ ବରିଷ୍ଠ ବିଭାଗରେ କରନ କୁମାର, ବାଳିକା ବରିଷ୍ଠ ବିଭାଗରେ ସୁନିତା ମହାନ୍ତି, ଇପ୍‌ସିତା ମହାପାତ୍ର, ଶର୍ମିଷ୍ଠା ପ୍ରିୟଦର୍ଶିନୀ କୃତିତ୍ୱ ହାସଲ କରିଥିଲେ। ସେହିପରି ବିଦ୍ୟାଳୟର ଯମୁନା ହାଉସ ଚାମ୍ପିୟନ ହୋଇଥିବା ବେଳେ ମହାନଦୀ ହାଉସ ରନର୍ସଅପ୍ ହୋଇଥିଲା।

# 'ଚମ୍ପୁଆକୁ ଅଧିକ ସରକାରୀ ବସ୍ ଚଳାଚଳ ହେଉ'

ଚମ୍ପୁଆ, ୩୦।୧୧(ଡି.ଏନ.ଏ.)

ଆଦିବାସୀ ଅଧ୍ୟୁସିତ ଅଞ୍ଚଳ ଚମ୍ପୁଆ ସଦର ମହକୁମାରେ ଅଧିକ ସରକାରୀ ବସ୍ ଚଳାଚଳ ଲାଗି ଦାବି ହେଉଛି। ଚମ୍ପୁଆରୁ କଟକ ଗୋଟିଏ ବସ୍ ସେବା ଯୋଗାଉଛି। ତାହା ପୁଣି ଅଧା ଦିନ ବନ୍ଦ ହୋଇ ରହୁଛି। ଫଳରେ ସେହି ବସ୍ ଭରସାରେ ରହୁଥିବା ଯାତ୍ରୀ ଅନେକ ହୀନସ୍ଥା ହେଉଛନ୍ତି । ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟ ହୋଇ ଥିଲେ ବି ଅଧିକ ସରକାରୀ ବସ ଚଳାଚଳ କରୁନାହିଁ। ଏହି ସେବା ବୃଦ୍ଧି କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି। ସରକାର ଗାଁ ଗହଳିର ଲୋକଙ୍କ ସୁବିଧା ପାଇଁ ବିଜୁ ଗାଁ ଗାଡି ବ୍ୟବସ୍ଥା କରିଛନ୍ତି। ମାତ୍ର ଅନେକ ସମୟରେ ଉକ୍ତ ଗାଡି ଗୁଡିକ ଯାତ୍ରୀ ନ ଥିବା ଆଳ ଦେଖାଇ ଠିକଣା ସ୍ଥାନକୁ ଯାଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ଚମ୍ପୁଆ ଦେଇ କିରିବୁରୁ ଭୁବନେଶ୍ୱର ଓ ମାଛଗାଁ ବଲାଣୀ ସରକାରୀ ବସ୍ ଚଳାଚଳ କରୁଥିଲା ତାହା ଦୀର୍ଘଦିନ ହେବ ବନ୍ଦ ହୋଇ ଯାଇଛି। ଏପରିକି ଚମ୍ପୁଆ ମୁଖ୍ୟାଳୟ ଉପରେ ଝାଡ଼ଖଣ୍ଡ ଓ ମୟୂରଭଞ୍ଜର ଅନେକ ଅଞ୍ଚଳ ଅଧିବାସୀ ନିର୍ଭର କରୁଛନ୍ତି। ତାହା ଏକ ବ୍ୟବସାୟୀକ ପେଣ୍ଠସ୍ଥଳ ପାଲଟିଛି। ଫଳରେ କଲିକତା ବସ୍ ଚଳାଚଳର ଅବଶ୍ୟକତା ରହିଛି। ଏ ନେଇ ପୂର୍ବରୁ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀଙ୍କୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଏପରିକି ରାତ୍ରୀ ଯାତ୍ରୀବାହୀ ବସ୍ ଗୁଡିକ ରିମୁଳି ବଜାର ମଧ୍ୟ ଦେଇ ନ ଯାଇ ବାଇପାସରେ ଯାତ୍ରୀଙ୍କୁ ଓହ୍ଲାଇ ଦେଉଛି। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲିକତା ବସ୍‌କୁ ଚମ୍ପୁଆ ଦେଇ ଚଳାଚଳ କରିବା ଓ ଅଧିକ ସରକାରୀ ବସ୍ ଚଳାଚଳ ପାଇଁ ସାଧାରଣରେ ଦାବି ହେଉଛି।

## ୭୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ପାଟଣା, ୩୦।୧୧(ସ୍ୱ.ପ୍ର.)

ପାଟଣା ବ୍ଲକ ସଭାଗୃହରେ ଗୁରୁବାର ବିଜୁପକ୍କା ଗୃହ ଯୋଜନାରେ ୭୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପାଟଣା ବିଡ଼ିଓ କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଜିଲା ପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ଏବିଡ଼ିଓ ପ୍ରଫୁଲ ନାଏକ ଓ ବିଓ ଅଧିକାରୀ ଧନେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଧାର୍ଯ୍ୟ ସମୟରେ ଘର ନିର୍ମାଣ ସାରି ପ୍ରୋତ୍ସାହନ ରାଶିର ସୁଯୋଗ ନେବାକୁ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ହିତାଧିକାରୀଙ୍କୁ ଅନୁରୋଧ କରିଥିଲେ।